



ଦ୍ୱିତୀୟ ପର୍ଯ୍ୟାୟ ଯାତ୍ରା ସମର ଆରମ୍ଭ

# ତୁଳସୀର ଝଡ଼ ରିପିଟ୍; ଆସିଲେ ଆଉ ୫



ଭୁବନେଶ୍ୱର, ୧୨।୨(ସମିସ): ବୁଧବାର ଥିଲା ମାଘ ସପ୍ତମୀ ମେଳା ପୂର୍ଣ୍ଣାହୁତି ସାଙ୍ଗକୁ ଖଣ୍ଡଗିରି ଯାତ୍ରା ମହାସମରର ସପ୍ତମ ଦିନ। ଦିନତମାମ ଯଜ୍ଞକୁଣ୍ଡ ଆଡ଼କୁ ଲୋକଙ୍କ ସୁଅ ଛୁଟିଥିଲା। ଆଉ ସଞ୍ଜ ନଇଁବା ବେଳକୁ ସେହି ସୁଅ ପୁଣି ଟିକଟ କାଉଣ୍ଟରମୁହାଁ ହୋଇଥିଲା। ପାର୍କିଂଠାରୁ ଆରମ୍ଭ କରି ରାସ୍ତା ଓ ମଞ୍ଚ ଯାଏଁ ସବୁଠି ଭିଡ଼। କାରଣ ବୁଧବାରଠାରୁ ଦ୍ୱିତୀୟ ପର୍ଯ୍ୟାୟରେ ବିଗ୍ ବଜେଟ୍ ଯାତ୍ରା ପାର୍ଟି ଯାତ୍ରା ମହାକୁମ୍ଭରେ ମଞ୍ଚ ବାନ୍ଧିଛନ୍ତି। ସତେ ଯେମିତି ସାରା ଓଡ଼ିଶାର ନାଟକପ୍ରେମୀ ଏକା ଦିନକେ ଯାତ୍ରା ଦେଖିବାକୁ ପଣ କରିଛନ୍ତି। ତୁଳସୀ ଗଣନାଟ୍ୟ ଦୁଇ ଦିନ ହେବ ନାଟକ ପରିବେଷଣ ଆରମ୍ଭ କରିଥିବାବେଳେ କୋଣାର୍କ, ସିଂହବାହିନୀ, ସ୍ୱପ୍ନ ମହଲ, ରଙ୍ଗ ମହଲ ଓ ସ୍ୱର୍ଣ୍ଣ ମହଲ ବୁଧବାର ଯାତ୍ରା ପ୍ରତିଯୋଗିତାରେ ସାମିଲ୍ ହୋଇଛନ୍ତି। ଦର୍ଶକଙ୍କ ଆଗ୍ରହ ଓ ମନୋରଞ୍ଜନକୁ ଆଖି ଆଗରେ ରଖି ହରେକୃଷ୍ଣ ମହତାବ ସାଂସ୍କୃତିକ ପରିଷଦ (ଆଇଗିଣିଆ-ଡୁମୁଡୁମା) ପେଣ୍ଡାଲରେ ତୁଳସୀ ଗଣନାଟ୍ୟ ତୃତୀୟ ରାତିରେ ମଧ୍ୟ ସମାନ ନାଟକ ଭେଟି ଦେଇଛି। 'ଜହ୍ନ ରାତିର ଝଡ଼' ପରିବେଷଣ କରିଛି। ସେହିଭଳି ଜୟଦୁର୍ଗା ସାଂସ୍କୃତିକ ପରିଷଦ ମଞ୍ଚ ମାଧ୍ୟମରେ ସ୍ୱପ୍ନମହଲ ଖଣ୍ଡଗିରି ଯାତ୍ରାରେ ପ୍ରବେଶ କରିଛି। 'ଜବାବ୍ ମାଗୁଛି ଉଦଣ୍ଡୀ ସୀତା' ନାଟକ ପରିବେଷଣ କରିଛି। ମୁନା-ନମିତା, ଶୁଭେନ୍ଦୁ-ଟିକିନାଙ୍କ ଅଭିନୟ ସାଙ୍ଗକୁ ନରି ପଣ୍ଡା, ସାନମଣିଙ୍କୁ କମେଡ଼ିରେ ଦେଖିବାକୁ ମିଳିଛି।

ସନାତନ ସେବା ସମିତି (ଖଣ୍ଡଗିରି-ଘାଟିକିଆ) ପେଣ୍ଡାଲରେ ଖଣ୍ଡଗିରିରେ ପାଦ ଥାପିଥିବା କୋଣାର୍କ ଗଣନାଟ୍ୟ ପ୍ରଥମ ରାତିରେ 'ମୋ ହସରେ ତୁ ମୋ ଲୁହରେ ତୁ' ନାଟକ ଭେଟି ଦେଇଛି। ରତି-ମିଟୁନା, ନଳିନୀ-ଜିତୁ, ମୁନା-ରୁପା, ଝରଣା-ସୁବାସ ଓ ଖଳନାୟକ ଦୈତାରୀ ପଣ୍ଡାଙ୍କ ଅଭିନୟ ଦର୍ଶକଙ୍କୁ ସାରା ରାତି ନାଟକ ଦେଖିବାକୁ ବାଧ କରିଛି। ସେପଟେ ଇନ୍ଦିରା ସାଂସ୍କୃତିକ ପରିଷଦ ମଞ୍ଚରେ ଅପେରା ସିଂହବାହିନୀ ଯାତ୍ରା ମଇଦାନରେ ପାଦ ଥାପିଛି। ବହୁ ଚର୍ଚ୍ଚିତ ନାଟକ 'ବଡ଼ ବେଦରଦୀ କଳା ସାଆନ୍ତ' ନାଟକ ଅନୁଷ୍ଠିତ ହୋଇଛି। ଚର୍ଚ୍ଚିତ ଯୋଡ଼ି ଟିକି-କାହ୍ନା, ଅଜୁ-ଅପୁ ଓ କମେଡ଼ିରେ ଚଗନ, ଧଡ଼ିଆ ଓ କଣ୍ଢେଇଙ୍କ ଅଭିନୟ ଦର୍ଶକଙ୍କ ମନକୁ ଛୁଇଁଛି। ମା' ମଙ୍ଗଳା ପେଣ୍ଡାଲରେ ଅପେରା ସ୍ୱର୍ଣ୍ଣମହଲ ଯାତ୍ରା ପ୍ରତିଯୋଗିତାରେ ସାମିଲ୍ ହୋଇଛି। ପ୍ରଥମ ରଜନୀରେ 'ସ୍ୱାମୀ ପାଇଁ ପଛେ ନର୍କକୁ ଯିବି' ନାଟକ ପରିବେଷଣ କରିଛି। ସୁବାସ ବେହେରା, ଭାବନା, ନବ ଘୋଷ, କମଲ୍, ମାନସୀ, ପିଙ୍କିଙ୍କ ଅଭିନୟ ଦର୍ଶକଙ୍କୁ ରାତି ଅନିଦ୍ରା ହେବାକୁ ବାଧ କରିଛି। ବରମୁଣ୍ଡା ବାବା ନୀଳକଣ୍ଠେଶ୍ୱର ଯାତ୍ରା କମିଟି ପେଣ୍ଡାଲରେ ରଙ୍ଗମହଲ ଯାତ୍ରା ମହାକୁମ୍ଭକୁ ଓହ୍ଲାଇଛି। ପ୍ରଥମ ରାତିରେ ଚର୍ଚ୍ଚିତ ନାଟକ 'ପାପ ଜାଣିନି କି ପୁଣ୍ୟ ଜାଣିନି' ନାଟକ ମଞ୍ଚସ୍ଥ କରିଛି। ବାପି ପଣ୍ଡା, ବାସୁ, କୁନା-ରଞ୍ଜି, ମନ୍ଦାକିନୀ, ଅଞ୍ଜନା, ଦିପୁ, ଚଗୁଲୁଙ୍କ ଅଭିନୟ ସାଙ୍ଗକୁ ବୁଦ୍ଧିଆନା, ଗୁରୁ, ଜିନାଙ୍କ କମେଡ଼ି ପ୍ରଶଂସା ସାଉଁଟିଛି। ଧାରାବାହିକ ଅଭିନେତା ଅମରଜିତ୍ ମିଶ୍ର (ରୋମି) ଓ ନେଗେଟିଭ୍ ଭୂମିକାରେ ନବାଗତା ନାୟିକା ରଶ୍ମିଙ୍କ ଅଭିନୟ ଦେଖିବାକୁ ଦର୍ଶକଙ୍କ ଭିଡ଼ ଜମିଛି।



## ଖଣ୍ଡଗିରି ଗପ

## ବାର ଲକ୍ଷ ଦେଇଛୁ; ପଚାଶ ନବୁ

ବୁଧବାର ଥିଲା ମାଘ ମେଳାର ବିଶ୍ୱଶାନ୍ତି ଯଜ୍ଞର ପୂର୍ଣ୍ଣାହୁତି। ଭାବିଲୁ ବର୍ଷେ ଯାଏଁ ତ ଆଉ ସୁଯୋଗ ନାହିଁ ତେଣୁ ଆହୁତିରେ ସାମିଲ୍ ହେବାପାଇଁ ଟିକେ ବାରଭୂଜାଙ୍କ ପୀଠକୁ ବାହାରିଗଲୁ। ଗହଳି କଥା ତ ଆପଣଙ୍କୁ ଜଣା। ବହୁ ଘଷାଘଷିରୁ ବର୍ତ୍ତି ପାର୍କିଂରେ ପହଞ୍ଚି ଆମ ଦୁଇଚକିଆ ଗାଡ଼ି ପାର୍କିଂ କରୁଥାଉ। ସେତିକିବେଳେ ପତ୍ନୀଙ୍କୁ ନେଇ ଆସିଥିବା ଜଣେ ବୟସ୍କ ଲୋକ ପାର୍କିଂରେ ପହଞ୍ଚିଲେ। ଆଉ ଟିକଟ୍ କାଉଣ୍ଟର ଆଡ଼କୁ ୧୦ ଟଙ୍କିଆ ନୋଟ୍‌ଟେ ବଢ଼େଇଲେ। ହେଲେ ପାର୍କିଂ ବାବୁ କୋଉ ତାକୁ ନିଅନ୍ତି, ଓଲଟି ପଚାଶ ଟଙ୍କା ମାଗିଲେ। ବୟସ୍କ ଲୋକ ଜଣକ ପାର୍କିଂ ଦର ୧୦ ଟଙ୍କା ବୋଲି କହିବାରୁ, 'ଆମେ ବାର ଲକ୍ଷ ଦେଇଛୁ ମାନେ ପଚାଶ ନବୁ' ବୋଲି ପାର୍କିଂ ବାବୁ ଉତ୍ତର ଦେଇଥିଲେ। ନଚେତ୍ ଗାଡ଼ି ରଖିଦେଇ ଯିବାକୁ କହିଥିଲେ। ବିଚରା ଲୋକ ଜଣକ ଆଉ କ'ଣ ବା କରିବେ, ଗାଡ଼ି ତ ରଖିବେ। ବିକଳ୍ପ ବ୍ୟବସ୍ଥା ନ ପାଇ ଆମେ ବି ଗାଡ଼ି ରଖି ପଚାଶ ଦେବାକୁ ବାଧ ହେଲୁ। ଧରପଗଡ଼ କଥା ଛାଡ଼ନ୍ତୁ, ବିଏମ୍‌ସି ବାବୁ ଚାରିଚକିଆ ଗାଡ଼ିରେ ସେହି ନିକଟରେ ବେଆଇନ ପାର୍କିଂ ନ କରିବାକୁ ପ୍ରଚାର କରୁଥିଲେ।

-ବରୁଣ

## ଗନ୍ଧାଇଲାଣି ଖଣ୍ଡଗିରି ଛକ

ଭୁବନେଶ୍ୱର, ୧୨।୨(ସମିସ): ଖଣ୍ଡଗିରିରେ ଯାତ୍ରାର ମାହୋଲ। ଯାତ୍ରାରେ ପ୍ରତ୍ୟେକ ଦିନ ହଜାର ହଜାର ସଂଖ୍ୟାରେ ଲୋକଙ୍କର ଭିଡ଼ ଜମୁଛି। ଏହାକୁ ଦୃଷ୍ଟିରେ ରଖି ବିଏମ୍‌ସି ପକ୍ଷରୁ ବ୍ୟାପକ ସଫେଇ ବନ୍ଦୋବସ୍ତ କରାଯାଉଛି। ହେଲେ ରାତିରେ ଯାତ୍ରା ଦେଖିବାକୁ ଆସୁଥିବା ଦର୍ଶକ ପରିସ୍ରା କିମ୍ବା ଶୌଚ କରିବାକୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଖୋଜିଲେ ଶୌଚାଳୟଟିଏ ମିଳୁନି। ଶେଷରେ ରାଜରାସ୍ତାରେ ଆସି ପରିସ୍ରା କରୁଛନ୍ତି। ଯାହାଫଳରେ ଖଣ୍ଡଗିରି ପରିସ୍ରା ଗନ୍ଧରେ ଗନ୍ଧାଇବାକୁ ଲାଗିଲାଣି।

ଯାତ୍ରା ପଣ୍ଡାଲ୍‌ଗୁଡ଼ିକରେ ଶୌଚାଳୟ ନିର୍ମାଣ କରାଯାଇଛି। ପ୍ରତ୍ୟେକ ଯାତ୍ରା ପଣ୍ଡାଲ୍‌ରେ ଉଭୟ ପୁରୁଷ ଏବଂ ମହିଳାଙ୍କ ପାଇଁ ଏକାଧିକ ଶୌଚାଳୟ ବ୍ୟବସ୍ଥା କରାଯାଇଛି। ଭିଡ଼ ତୁଳନାରେ ଏହା କମ୍ ପଡ଼ିଯାଉଛି। ଅନ୍ୟପକ୍ଷରେ ଏଗୁଡ଼ିକ ନିୟମିତ ଭାବେ ସଫା କରାଯାଉ ନାହିଁ। ଦର୍ଶକ ଏଠାକୁ ଯିବା ତ ଦୂରର କଥା କବାଟ ଖୋଲିଦେଲେ ବାନ୍ତି କରିଦେଉଛନ୍ତି। ସୁରେଶ ଆଚାର୍ଯ୍ୟ ନାମକ ଜଣେ ଯୁବକ କହିଛନ୍ତି, ଯାତ୍ରାରେ ଶୌଚାଳୟଗୁଡ଼ିକ ସଫା କରାଯାଉନାହିଁ। ଏଠାକୁ ପରିସ୍ରା କରିବାକୁ ଗଲେ ଇନ୍‌ଫେକ୍ସନ ହୋଇଯିବ। ଯାହାଫଳରେ ଅଧା ଯାତ୍ରରୁ ଆସି ବରମୁଣ୍ଡା ଗାଡ଼ି ନେଇ ପରିସ୍ରା କରିବାକୁ ଆସୁଛୁ। ବହୁତ ଲୋକ ଏଥିପାଇଁ ରାସ୍ତାରେ ପରିସ୍ରା କରିଦେଉଛନ୍ତି। ସେହିପରି ବିଏମ୍‌ସି ମଧ୍ୟ ପ୍ରସ୍ତୁତି ବୈଠକରେ କହିଥିଲା ଲୋକଙ୍କ ସୁବିଧା ପାଇଁ ବ୍ୟାପକ ପରିମାଣରେ ଭ୍ରାମ୍ୟମାଣ ଶୌଚାଳୟର ବନ୍ଦୋବସ୍ତ କରିବ। ହେଲେ ଯାତ୍ରାରେ ମାତ୍ର ୬ଟି ଭ୍ରାମ୍ୟମାଣ ଶୌଚାଳୟ ବିଏମ୍‌ସି ପକ୍ଷରୁ ମୁତୟନ କରାଯାଇଛି। ଯାହା ସମୁଦ୍ରକୁ ଶଙ୍ଖେ ଭଳି କାର୍ଯ୍ୟ କରୁଛି। ମୁଣ୍ଡିଆ ନିକଟରେ ୪ଟି ଭ୍ରାମ୍ୟମାଣ ଶୌଚଳୟ ଥିଲାବେଳେ ରାସ୍ତାରେ ଆଉ ଦୁଇଟି ଭ୍ରାମ୍ୟମାଣ ଶୌଚାଳୟକୁ ମୁତୟନ କରାଯାଇଛି। ଏଠାରେ ପ୍ରବଳ ଭିଡ଼ ହେଉଛି। ଯାହାଫଳରେ ଲୋକେ ବାହାରେ ଶୌଚ କରିଦେଉଛନ୍ତି। ଏକାଧିକ ଯାତ୍ରା ପାର୍ଟି ଏବଂ ହଜାର ହଜାର ଲୋକଙ୍କ ଭିଡ଼ ସାମ୍ନାରେ ମାତ୍ର ୬ଟି ଶୌଚାଳୟ ଲୋକଙ୍କ ଆବଶ୍ୟକତାକୁ ପୂରଣ କରିପାରିବନି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏନେଇ ସ୍ଥାନୀୟ ଜେଡିସିଙ୍କୁ ପଚାରିବାରୁ ସେ କହିଛନ୍ତି, ଯାତ୍ରା ପଣ୍ଡାଲଗୁଡ଼ିକରେ ନିର୍ମାଣ ହୋଇଥିବା ଶୌଚାଳୟ ଯେପରି ନିୟମିତ ସଫା ରହିବ ସେଥିପ୍ରତି ଗୁରୁତ୍ୱ ଦିଆଯିବ।



ଖଣ୍ଡଗିରି ପାଦଦେଶରେ ଅଗି ପୂର୍ଣ୍ଣିମା ଅବସରରେ ଅଗ୍ନି ଉତ୍ସବ

## ମା' ବାରଭୂଜା ପୀଠକୁ ବାବା ମଧୁସୂଦନଙ୍କ ଶ୍ରୀବିଗ୍ରହ ଆଗମନ



ଭୁବନେଶ୍ୱର, ୧୨।୨(ସମିସ): ଖଣ୍ଡଗିରି ପାହାଡ଼ରେ ହେଉଥିବା ସାଧୁସନ୍ଥ ସମ୍ମିଳନୀରେ ପୁରୀ ଜିଲ୍ଲା ନୟାହାଟସ୍ଥିତ ପ୍ରାଚୀ ଗୁରୁ ଧର୍ମ କ୍ଷେତ୍ରର ପ୍ରତିଷ୍ଠାତା ପ୍ରେମାଚାର୍ଯ୍ୟ ବାବା ମଧୁସୂଦନଙ୍କ ଶ୍ରୀବିଗ୍ରହ ଆଶ୍ରମର ମୁଖ୍ୟ ବାବାଜୀ ଦାମୋଦର ଦାସଙ୍କ ତତ୍ତ୍ୱାବଧାନରେ ଶହ ଶହ ଭକ୍ତଙ୍କ ଗହଣରେ ଏଠାରେ ପହଞ୍ଚିଥିଲା। କିମ୍ବଦନ୍ତୀ କହେ, ଏହି ସାଧୁସନ୍ଥ ସମ୍ମିଳନୀ ପ୍ରେମାଚାର୍ଯ୍ୟ ବାବା ମଧୁସୂଦନ ୧୯୬୦ରେ ପ୍ରଥମେ ସେହି ରାସ୍ତାରେ ଯାଉଥିଲାବେଳେ, କିଛି ଭକ୍ତଙ୍କ ଗହଣରେ ତମ୍ବୁ ପକାଇ ଏହି ସମ୍ମିଳନୀ ଆରମ୍ଭ କରିଥିଲେ। ସେହି ମହାପୁରୁଷଙ୍କ ସ୍ମୃତି ମନେପକାଇ ପବିତ୍ର ଚତୁର୍ଦ୍ଦଶୀ ତିଥିରେ ଆରମ୍ଭ ହୋଇଥିଲା ସାଧୁସନ୍ଥ ସମ୍ମିଳନୀ। ବାବାଜୀ ଦାମୋଦାର ଦାସଙ୍କ ସଭାପତିତ୍ୱରେ ଏହି ଧର୍ମ ସଭାରେ ବାବାଜୀ ପୀତାମ୍ବର ଦାସ, ବ୍ରହ୍ମଚାରୀ ସତ୍ୟାନନ୍ଦ ଦାସ, ବାବା ବାଳକାନନ୍ଦ ଦାସ, ବିଜେପି ରାଜ୍ୟ ଉପସଭାପତି ଗୋଲେଖ ଚନ୍ଦ୍ର ମହାପାତ୍ର, ମା' ବାରଭୂଜା ଟ୍ରଷ୍ଟର ସମସ୍ତ କର୍ମକର୍ତ୍ତା ଯୋଗଦେଇ ପ୍ରେମାଚାର୍ଯ୍ୟ ମଧୁସୂଦନଙ୍କ ଲିଖିତ ବିଶ୍ୱଶାନ୍ତି ପ୍ରାର୍ଥନା କରିଥିଲେ। ପରେ ପରେ ଖଣ୍ଡଗିରିବାରୀ ସ୍ଥିତ ଗୁରୁ କୃପା କୁଟୀରରେ ବାବା ମଧୁସୂଦନଙ୍କ ଷୋଡ଼ଶ ଉପଚାରରେ ଗୁରୁପୂଜା ଆଶ୍ରାମରେ ବାବାଜୀ ଚିତ୍ତ ବିନୋଦ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଡାକ୍ତର ରତ୍ନାକର ମହାନ୍ତି, ବାବାଜୀ ବିବେକାନନ୍ଦ ଦାସ, ପୂର୍ଣ୍ଣାନନ୍ଦ ଦାସ ପ୍ରମୁଖ ଯୋଗଦେଇ ଗୁରୁବାଦ ଉପରେ ଆଲୋଚନା କରିଥିଲେ।

## ସମନ୍ୱ ନୃତ୍ୟ ଓ ସଙ୍ଗୀତ ମହୋତ୍ସବ

ଭୁବନେଶ୍ୱର, ୧୨।୨(ସମିସ): ସମନ୍ୱ ନୃତ୍ୟ ଓ ସଙ୍ଗୀତ ମହୋତ୍ସବର ଶେଷ ସନ୍ଧ୍ୟା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ରୁଦ୍ରପ୍ରସାଦ ସ୍ୱାଇଁ ଓ ଅନନ୍ୟା ପରିଡ଼ାଙ୍କ ଦ୍ୱାରା ପ୍ରତିଷ୍ଠିତ ସଞ୍ଚାରୀ ଟ୍ରଷ୍ଟ ପକ୍ଷରୁ ଭଞ୍ଜକଳା ମଣ୍ଡପରେ ଆୟୋଜିତ ହୋଇଥିଲା। ଏଥିରେ ଅତିଥି ତଥା ଗୁରୁ ସଚ୍ଚିଦାନନ୍ଦ ଦାସ, ଗୁରୁ ନିରଞ୍ଜନ ରାଉତ, ଗୁରୁ ବିଚିତ୍ରାନନ୍ଦ ସ୍ୱାଇଁ, ଗୁରୁ ଗଜେନ୍ଦ୍ର ପଣ୍ଡା ଓ ଗୁରୁ ଯୁଧିଷ୍ଠୀର ସ୍ୱାଇଁ ଏହି ସନ୍ଧ୍ୟାରେ ଯୋଗଦେଇଥିଲେ। ଚଳିତ ବର୍ଷ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ଗୁରୁ ଡ. ସ୍ନେହପ୍ରଭା ସାମନ୍ତରାୟଙ୍କୁ ଦ୍ୱିତୀୟ ସମନ୍ୱ କଳା ସମ୍ମାନ ଓ ରାଜଶ୍ରୀ ପ୍ରହରାଜଙ୍କୁ ଦ୍ୱିତୀୟ ସମନ୍ୱ ଯୁବ ସମ୍ମାନ ପ୍ରଦାନ କରାଯାଇଥିଲା। ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମର ଆରମ୍ଭ ତ୍ରିଧାରାର ନୃତ୍ୟଶିଳ୍ପୀ ପ୍ରଭୁତୋଷ ପଣ୍ଡା ଓ ରିତିକା ବାନାର୍ଜୀଙ୍କ ଦ୍ୱାରା ହୋଇଥିଲା। ପରେ ନୂପୁରର ନୃତ୍ୟଶିଳ୍ପୀ ଦୀପ୍ତି ପ୍ରକାଶ ଚମ୍ପତି ଓ ସଞ୍ଜନା ଗୌଡ଼ ପ୍ରସ୍ତୁତ କରିଥିଲେ ଓଡ଼ିଆ ଅଭିନୟବର୍ଷା।



କଟକ ଜିଲ୍ଲା କଂଗ୍ରେସ ପୂର୍ବତନ ସଭାପତି ମାନସ ଚୌଧୁରୀଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର। ବୁଧବାର ପ୍ରଦେଶ ଯୁବ କଂଗ୍ରେସ ନେତା ରଞ୍ଜିତ ପାତ୍ର ଏବଂ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଉଦିତ୍ ପ୍ରଧାନଙ୍କ ନେତୃତ୍ୱରେ ବହୁ ଛାତ୍ର ଓ ଯୁବ କଂଗ୍ରେସ କର୍ମୀ ଶ୍ରୀ ଚୌଧୁରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଓ ସମ୍ବର୍ଦ୍ଧନା ଜଣାଇଛନ୍ତି।

ଖଣ୍ଡଗିରି ମହାକୁମ୍ଭ ମେଳାର ପୂର୍ଣ୍ଣାହୁତି

# ଶେଷ ଦିନରେ ପାଲଟିଲା ଜନସମୁଦ୍ର



ଭୁବନେଶ୍ୱର, ୧୨।୨(ସମିସ): ୯ଦିନ ଧରି ମନ୍ତ୍ରଧ୍ୱନୀରେ ପ୍ରକମ୍ପିତ ହେଉଥିବା ଖଣ୍ଡଗିରି ପାଦଦେଶ ଗୁରୁବାରଠାରୁ ଖାଁ ଖାଁ ପାଲଟିବ। ପୁଣି ଅପେକ୍ଷା ଆସନ୍ତା ବର୍ଷକୁ। ମେଳାରେ ଶେଷ ଦିନରେ ହଜାର ହଜାର ସଂଖ୍ୟାରେ ଜନସମାଗମ ହୋଇଥିବାବେଳେ ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ଉଠାଦୋକାନରେ ଖଚାଖଚ୍ ଭିଡ଼ ଜମିଥିଲା। କୋଳାହଳରେ ଫାଟି ପଡୁଥିଲା ପରିବେଶ। ସକାଳୁ ରାତି ପର୍ଯ୍ୟନ୍ତ ଲାଗି ରହିଥିଲା ଗହଳି। ଶେଷ ଦିନରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ମେଳା ପରିସରରେ ଜନସମୁଦ୍ର ଦେଖିବାକୁ ମିଳିଥିଲା। ଖାଦ୍ୟ ଷ୍ଟଲ୍‌ଠାରୁ ଆରମ୍ଭ କରି ହରେକ୍‌ମାଲ୍, ମୀନାବଜାର ଓ ରାମଦୋଳି ଆଦି ସ୍ଥାନରେ ଅସମ୍ଭାଳ ଭିଡ଼ ଜମିଥିଲା। ପ୍ରତ୍ୟେକ ଦିନ ଲୋକମାନେ ପ୍ରଥମେ ମା' ବାରଭୂଜାଙ୍କୁ ଦର୍ଶନ କରିବା ସହ ଦୀପ ଲଗାଇଥିଲେ।

ବିଶ୍ୱ ସନାତନ ବୈଦିକ ଧର୍ମ ପରିଷଦ ଆନୁକୂଲ୍ୟରେ ୯ ଦିନ ବ୍ୟାପୀ ଖଣ୍ଡଗିରିଠାରେ ଅନୁଷ୍ଠିତ ହେଉଥିବା କୁମ୍ଭମେଳାର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମେଳାରେ ହରିୟାଣା, ରାଜସ୍ଥାନ, ଉତ୍ତରପ୍ରଦେଶ, କୋଲକାତା, କାଶୀ, ଗୟା ଆଦି ଭାରତବର୍ଷର ବିଭିନ୍ନ ପ୍ରାନ୍ତରୁ ଯୋଗଦେଇଥିବା ସାଧୁସନ୍ଥଙ୍କ ଉପସ୍ଥିତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ପୂର୍ଣ୍ଣାହୁତି ହୋଇଥିଲା। ବିଶ୍ୱ ସନାତନ ବୈଦିକ ଧର୍ମ ପରିଷଦ ଆବାହକତ୍ୱରେ ଏବଂ ଓଡ଼ିଆ ଭାଷା, ସାହିତ୍ୟ ତଥା ଭୁବନେଶ୍ୱର ମହାନଗର ନିଗମ, ପରିଷଦର ଆନୁକୂଲ୍ୟରେ ଖଣ୍ଡଗିରି ବିଶ୍ୱ ପ୍ରସିଦ୍ଧ ମହାକୁମ୍ଭ ମେଳାର ପୂର୍ଣ୍ଣାହୁତି ଓ ସମସ୍ତ ସାଧୁସନ୍ଥ ପୂଜନ କରାଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ଏକାମ୍ର ବିଧାୟକ ବାବୁ ସିଂ, ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ବିଜେପି ନେତା ଜଗନ୍ନାଥ ପ୍ରଧାନ ପ୍ରମୁଖ ମହାପ୍ରସାଦ ଓ ସାଧୁସନ୍ଥ ପୂଜନରେ ଯୋଗଦେଇଥିଲେ। ଖଣ୍ଡଗିରି କୁମ୍ଭମେଳାର ଆବାହକ ତଥା ପରିଷଦର ଅଧ୍ୟକ୍ଷ ବାବା ପଞ୍ଚଦେବ କହିଛନ୍ତି ଯେ ୧୪୪ ବର୍ଷରେ ମହାକୁମ୍ଭ ପଡ଼ିଛି। ଏହି ମହାନ୍ କାର୍ଯ୍ୟକ୍ରମ ଇତିହାସରେ ଲିପିବଦ୍ଧ ହୋଇ ରହିବ। ବିଧାୟକଙ୍କ ସହଯୋଗରେ ୫୦୦ ସାଧୁସନ୍ଥଙ୍କ ପାଇଁ ସମସ୍ତ ସୁବିଧା ଯୋଗାଇ ଦିଆଯାଇଥିବାରୁ ବିଧାୟକ, ମହାନଗର ନିଗମ, ଆୟୁକ୍ତ, ଅତିରିକ୍ତ ଆୟୁକ୍ତ, ଉପାୟୁକ୍ତ, ଦକ୍ଷିଣ-ପଶ୍ଚିମ ଜୋନ୍‌ର ଉପାୟୁକ୍ତଙ୍କୁ ସାଧୁସନ୍ଥମାନେ ଧନ୍ୟବାଦ ଜଣାଇଛନ୍ତି। ସେହିପରି ଶାନ୍ତିଶୃଙ୍ଖଳା ରଖିଥିବାରୁ ପରିଷଦ ତରଫରୁ ପୁଲିସ କର୍ମଚାରୀଙ୍କୁ ମଧ୍ୟ କୃତଜ୍ଞତା ଜଣାଇବା ସହ ଖଣ୍ଡଗିରି ମାଘ ମେଳାର କେନ୍ଦ୍ରୀୟ କମିଟି ସଭାପତି, ସମ୍ପାଦକ ତଥା ସମସ୍ତ ସଭ୍ୟଙ୍କୁ ଶୁଭେଚ୍ଛା ଜଣାଇଥିବା ମୁଖ୍ୟ ସଞ୍ଚାଳକ ବ୍ରହ୍ମଚାରୀ ବିଶେଷ ଚୈତନ୍ୟ, ସଞ୍ଚାଳକ ବାବା ଚନ୍ଦନ ଦାସ, ବାବା ଆଲୋକ ଦାସ, ବାବା କୃଷ୍ଣ ଦାସ, ବାବା କଲ୍ୟାଣ ଦାସ, ବାବା ନବ ଦାସ, ବାବା ଆନନ୍ଦ ଦାସ, ହରିଓମ୍ ବାବା ପ୍ରଭୃତି ସୂଚନା ଦେଇଛନ୍ତି।

### 'ସାଧୁସନ୍ଥ କୁମ୍ଭମେଳାକୁ ସରକାରୀ ସ୍ୱୀକୃତି ପ୍ରଦାନ କରାଯାଉ'

ବିଶ୍ୱପ୍ରସିଦ୍ଧ ସାଧୁସନ୍ଥ ମହାକୁମ୍ଭ ମେଳାକୁ ସରକାରୀ ସ୍ୱୀକୃତି ପ୍ରଦାନ କରାଯିବାକୁ ସାଧୁସନ୍ଥମାନେ ଦାବି କରିଛନ୍ତି। ଚଳିତ ବିଧାନସଭାରେ ଏକାମ୍ର ବିଧାୟକଙ୍କ ଜରିଆରେ ଦାବିପତ୍ର ବିଧାନସଭାରେ ଉପସ୍ଥାପନ କରିବା ପାଇଁ ସାଧୁସନ୍ଥମାନେ ଏକ ଦାବିପତ୍ର ପ୍ରଦାନ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀଙ୍କୁ ସାଧୁସନ୍ଥମାନେ ଭେଟି ଏ ବାବଦରେ ଆଲୋଚନା କରିବେ ବୋଲି କୁମ୍ଭମେଳାର ଆବାହକ ତଥା ପରିଷଦର ଅଧ୍ୟକ୍ଷ ବାବା ପଞ୍ଚଦେବ କହିଛନ୍ତି। ସ୍ୱାମୀ ବ୍ରହ୍ମାନନ୍ଦ କନ୍ୟା ଗୁରୁକୁଳ ତପୋବନ ଖଣ୍ଡଗିରି ବ୍ରହ୍ମଚାରିଣୀମାନଙ୍କ ଦ୍ୱାରା ବେଦପାଠ ଈଶ୍ୱର ସ୍ତୁତି ପ୍ରାର୍ଥନା ଉପାସନା ଯଜ୍ଞ କରାଯାଉଥିଲା। ଚଳିତ ବର୍ଷ ୧୪୪ ବର୍ଷ ମହାକୁମ୍ଭ ମେଳା ପଡ଼ିଥିବାରୁ ଆଗାମୀ ଦିନରେ ବିଭିନ୍ନ କ୍ଷେତ୍ରରେ ୧୪୪ ଜଣଙ୍କୁ କୁମ୍ଭମେଳା ସମ୍ବର୍ଦ୍ଧନା କରାଯିବ ବୋଲି ବାବା ପଞ୍ଚଦେବ ସୂଚନା ଦେଇଛନ୍ତି।



### ଦେବସଭାରେ ଏକାଠି ହେଲେ ସାଧୁସନ୍ଥ



ମାଘସପ୍ତମୀଠାରୁ ଆରମ୍ଭ ହୋଇଥିବା ଖଣ୍ଡଗିରି କୁମ୍ଭମେଳାର ମାଘ ପୂର୍ଣ୍ଣିମୀରେ ଶେଷ ହୋଇଛି। ଯଜ୍ଞକୁଣ୍ଡମାନଙ୍କର ପୂର୍ଣ୍ଣାହୁତି ଦିଆଯାଇଛି। ସମସ୍ତ ସାଧୁସନ୍ଥଙ୍କୁ ଅନ୍ନଦାନ ସହ ବେଦମନ୍ତ୍ରରେ ସେମାନଙ୍କ ପାଦ ଧୋଇଦେଇ ସେମାନଙ୍କୁ ବନ୍ଦାପନା ସହ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଆମ ପରିବାର ଓଡ଼ିଶା ପକ୍ଷରୁ କାଳିଆ ସେନାର ଶୁଭାରମ୍ଭ ଓ ମୀନଶନି ଯୋଗର ବାର୍ତ୍ତା ସଂଗ୍ରହ ଅଭିଯାନ ମଧ୍ୟ ଶୁଭାରମ୍ଭ କରାଯାଇଥିଲା। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ କୃଷ୍ଣ ମହାରାଜ, ଭୈରବ ବାବା, ପୂର୍ବତନ ବିଧାୟକ ସୁର ରାଉତରାୟ, ସମାଜସେବୀ ମାନସ ବସ୍ତିଆ, ବିନ୍ଦୁଜା ଉପାଧ୍ୟାୟ, ମାନି ପଣ୍ଡା, ପ୍ରଜ୍ଞା ରଥ, ତନ୍ମୟ ସାମନ୍ତରାୟ, ମାନସ ରଞ୍ଜନ ସାହୁ, ସତ୍ୟବ୍ରତ ଜେନା ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ସମାଜସେବୀ ମହାସଂଘ ସଭାପତି ବାପୁ ଓଝା।



# ରାଜଧାନୀରୁ ହଟିବେ ବସ୍ତିବାସିନ୍ଦା !

ଭୁବନେଶ୍ୱର, ୧୨।୨(ସମିସ): ବସ୍ତିମୁକ୍ତ ହେବ ରାଜଧାନୀ। ସହର ବାହାରେ ବସ୍ତି ବାସିନ୍ଦାଙ୍କୁ ସୁଲଭ ମୂଲ୍ୟରେ ମିଳିବ ଜାଗା ଓ ଘର। ପ୍ରଥମେ ଯୋଗ୍ୟ ହିତାଧିକାରୀଙ୍କର ଏକ ସର୍ଭେ କରାଯିବ। ତା'ପରେ ସେମାନଙ୍କ ଯୋଗ୍ୟତା ଆଧାରରେ ସରକାରଙ୍କ ତରଫରୁ ଘର ଯୋଗାଇ ଦିଆଯିବ। ଯିଏ ଜାଗା ନେଇ ନିଜେ ଘର କରିବାକୁ ଚାହିଁବେ, ସେନେଇ ବି ସରକାରଙ୍କ ପାଖରେ ବ୍ୟବସ୍ଥା ରହିବ। ଯେଉଁ ହିତାଧିକାରୀ ସରକାରଙ୍କ ଜମା ରାଶି ପୈଠ କରିବାକୁ ଅକ୍ଷମ ହେବେ, ସେମାନଙ୍କ ପାଇଁ ଟଙ୍କା ପୈଠରେ କେତେକାଂଶ କୋହଳ ଓ ଅଲଗା ବ୍ୟବସ୍ଥା କରାଯିବ। ରାଜସ୍ୱ, ଗୃହ ଓ ନଗର ଉନ୍ନୟନ ବିଭାଗ ଏନେଇ ବଡ଼ ଯୋଜନା ପ୍ରସ୍ତୁତି କରୁଛନ୍ତି। ଖୁବ୍‌ଶୀଘ୍ର ଏହା ଉପରେ ନିଷ୍ପତ୍ତି ନିଆଯିବ ବୋଲି ଜଣାପଡ଼ିଛି। ଏହାଦ୍ୱାରା ପ୍ରତ୍ୟେକ ବ୍ୟକ୍ତିଙ୍କ ଘର ସ୍ୱପ୍ନ ପୂରଣ ହୋଇପାରିବ। ହେଲେ ଏହାକୁ କାର୍ଯ୍ୟକାରୀ କରିବାରେ ସରକାର କେତେଦୂର ସଫଳ ହେବେ, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସାଧାରଣତଃ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ପାଇଁ ବସ୍ତି ଉଚ୍ଛେଦ କରିବାକୁ ପଡ଼େ। ହେଲେ ବସ୍ତିବାସିନ୍ଦା ଏଥିରେ ସହଯୋଗ କରି ନ ଥା'ନ୍ତି। ଅଧିକାଂଶ ସ୍ଥାନରେ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜେ। ସରକାରଙ୍କ ପାଖରେ ପୁଲିସ ବଳ ଥିବା ସତ୍ତ୍ୱେ ଅନେକ ସ୍ଥାନରେ ଉଚ୍ଛେଦ କରିବାରେ ବିଫଳ ହୁଏ ସରକାରୀ କଳ। ତେଣୁ ସହର ଭିତରୁ ବସ୍ତି ଉଚ୍ଛେଦ ଯୋଜନା ପ୍ରକୃତରେ ବାସ୍ତବ ରୂପ ନେବ ନା କେବଳ ଯୋଜନାରେ ରହିଯିବ, ତାକୁ ନେଇ ବିଭିନ୍ନ ମହଲରେ ଆଲୋଚନା ହେଉଛି।

**ସହର ବାହାରେ ହେବେ ଥଇଥାନ**



ରାଜଧାନୀକୁ ସରସ ସୁନ୍ଦର କରି ଗଢ଼ି ତୋଳିବାରେ ବସ୍ତିଗୁଡ଼ିକ କେତେକାଂଶରେ ବାଧା ସୃଷ୍ଟି କରୁଛନ୍ତି। ବସ୍ତି ବାସିନ୍ଦାମାନେ ସହର ଭିତରେ ଯେଉଁଠି ଖାଲି ସ୍ଥାନ ପାଉଛନ୍ତି, ମାଡ଼ି ବସି ଘର କରୁଛନ୍ତି। ଏମିତିକି ବିଭିନ୍ନ ଅଞ୍ଚଳରେ ଦଲାଲମାନେ ମଧ୍ୟ ସରକାରୀ ଜାଗାକୁ ପ୍ଲଟିଂ କରି ବିକ୍ରି କରି ଦେଉଛନ୍ତି। ବିନା ଯୋଜନାରେ ଅନିୟନ୍ତ୍ରିତ ଭାବେ ଏହି ଜନବସତି ଗଢ଼ି ଉଠିବା ଯୋଗୁଁ ରାସ୍ତା, ଡ୍ରେନ୍, ପାନୀୟଜଳ, ବିଦ୍ୟୁତ୍ ଆଦି ବିଭିନ୍ନ କ୍ଷେତ୍ରରେ ସମସ୍ୟା ସୃଷ୍ଟି ହେଉଛି। ସହରବାସୀଙ୍କ ଡାକ୍ତରଖାନା, ଗୋଷ୍ଠୀ କେନ୍ଦ୍ର ଓ ପାର୍କ କରିବାକୁ ଜାଗା ମିଳୁନି। ଏମିତିକି ସରକାରୀ ଡ୍ରେନ୍, ପ୍ରାକୃତିକ ନାଳ ଆଦି ପୋତି ଲୋକମାନେ ଘର କରି ଦେଉଥିବାରୁ ଜଳବନ୍ଦୀ ଭଳି ସମସ୍ୟା ଉପୁଜୁଛି। ସେହିଭଳି ସହରର ଟ୍ରାଫିକ୍ ଭିଡ଼ ହ୍ରାସ କରିବା ପାଇଁ ହୋଇଥିବା ରାସ୍ତା ଯୋଜନା ମଧ୍ୟ କେତେକାଂଶରେ ବସ୍ତି ଉଚ୍ଛେଦ ନ ହେବା ଯୋଗୁଁ ଏହା ଆଗେଇ ପାରୁନି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ସହରରେ ବସ୍ତି ବଢ଼ୁଥିବା କାରଣରୁ ଅପରାଧ ବଢ଼ୁଛି। ଅପରାଧୀମାନେ ବସ୍ତିକୁ ସୁରକ୍ଷିତ ସ୍ଥାନ ଭାବେ ବ୍ୟବହାର କରୁଛନ୍ତି। ଡ୍ରଗ୍‌ସ, ବ୍ରାଉନ୍‌ସୁଗର, ଚୋରା ନିଶା ଦ୍ରବ୍ୟର ବିକ୍ରିବଟା ବସ୍ତି ଅଞ୍ଚଳରେ ଅଧିକ ହେଉଛି। ତେଣୁ ଏସବୁକୁ ରୋକିବା ସରକାରଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି ହେଉଛି। ତେଣୁ ବହୁ ପୂର୍ବରୁ ବସ୍ତି ବାସିନ୍ଦାଙ୍କୁ ଥଇଥାନ କରିବା ନେଇ ବଡ଼ ବଡ଼ ଯୋଜନା ହୋଇଛି। ଏମିତିକି ରାଜୀବ ଆବାସ ଯୋଜନାରେ ସର୍ଭେ କରାଯାଇ ବସ୍ତିବାସିନ୍ଦାଙ୍କୁ ସୁଲଭ ମୂଲ୍ୟରେ ଘର ଦେଇ ଥଇଥାନ କରିବାକୁ ଯୋଜନା ହୋଇଥିଲେ ହେଁ ବିଭିନ୍ନ କାରଣ ପାଇଁ ସେସବୁ ସଫଳ ହୋଇପାରିନି। ତେଣୁ ବର୍ତ୍ତମାନ ସରକାର କରୁଥିବା ଏହି ଭବିଷ୍ୟତମୁଖୀ ଯୋଜନାକୁ କେମିତି ଫଳପ୍ରଦ କରାଯିବ, ତାକୁ ନେଇ ବିଚାରବିମର୍ଶ ଚାଲିଛି। ପୂର୍ବରୁ ଲୋକଙ୍କୁ 'ଜାଗା ମିଶନ' ଜରିଆରେ ମିଳିଥିବା ଏଲ୍‌ଆର୍‌ସିରେ ସଂଶୋଧନ କରାଯିବ ବୋଲି ଜଣାପଡ଼ିଛି।

ସୂଚନାଯୋଗ୍ୟ, ରାଜଧାନୀରେ ଏବେ ୪୮୯ ପଞ୍ଜିକୃତ ବସ୍ତି ଥିବାବେଳେ ଦିନକୁ ଦିନ ଅଣ ପଞ୍ଜିକୃତ ବସ୍ତି ବଢ଼ିବାରେ ଲାଗିଛି। ପ୍ରତ୍ୟେକ ଦିନ ସରକାରୀ ଜାଗା ଜବରଦଖଲ ହୋଇ ନୂଆ ନୂଆ ବସ୍ତି ଗଢ଼ିଉଠୁଛି। ମୌଳିକ ଅଧିକାର ସ୍ୱରୂପ ହାତଗୁଞ୍ଜା ନେଇ ଖୋଦ୍ ସରକାରୀ ବାବୁମାନେ ସେମାନଙ୍କୁ ବିଦ୍ୟୁତ୍, ପାଣି ଯୋଗାଇ ଦେଉଛନ୍ତି। ସେହିଭଳି ଭୋଟ୍ ବ୍ୟାଙ୍କ୍ ବୃଦ୍ଧି କରିବା ପାଇଁ ମଧ୍ୟ ଜନପ୍ରତିନିଧିମାନେ ବସ୍ତି ଗଠନକୁ ଏକପ୍ରକାର ବଳ ଯୋଗାଉଛନ୍ତି। ପରୋକ୍ଷରେ ବସ୍ତିବାସିନ୍ଦାଙ୍କ ପାଇଁ ସମସ୍ତ ପ୍ରକାର ସୁବିଧାସୁଯୋଗ କରାଇ ଦେଉଛନ୍ତି। ତେଣୁ ଏହା ଉପରେ ନିୟନ୍ତ୍ରଣ କରାନଗଲେ, ଆଗାମୀ ଦିନରେ ରାଜଧାନୀରେ ବସବାସ କରିବା ନେଇ ଅଣନିଃଶ୍ୱାସୀ ପରିସ୍ଥିତି ସୃଷ୍ଟି ହେବ ବୋଲି ଟାଉନ୍ ପ୍ଲାନର୍‌ମାନେ ମତପୋଷଣ କରିଛନ୍ତି।

## ବେପରୁଆ ଗାଡ଼ି ଚାଳକ ଗିରଫ



ବାଲିଅନ୍ତା, ୧୨।୨(ସମିସ): ବାଲିଅନ୍ତା ଥାନା ପୁଲିସ ଗତ ମାସ ୨୬ ତାରିଖ ସନ୍ଧ୍ୟାରେ ବାଲକାଟି ବଜାରରେ ଘଟିଥିବା ଦୁର୍ଘଟଣାରେ ଛବିନା ସାହୁ ନାମକ ଜଣେ ଟ୍ରଲି ଚାଳକଙ୍କ ମୃତ୍ୟୁ ମାମଲାରେ ଜଣେ ବେପରୁଆ ଗାଡ଼ି ଚାଳକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଜଣକ ହେଲେ ବାଲକାଟି ଫାଣ୍ଡି ଅଧୀନ ବସନ୍ତପେଡ଼ି ଗ୍ରାମର ଅଂଶୁମାନ ମହାନ୍ତି(୩୨)। ଏହା ସହିତ ଦୁର୍ଘଟଣାଗ୍ରସ୍ତ ପିକ୍‌ଅପ୍ ଭ୍ୟାନ୍ ଜବତ କରିଛି।

ସୂଚନାଯୋଗ୍ୟ ଯେ, ଗତ ମାସ ୨୬ ତାରିଖ ରାତିରେ ଛବିନା ଗ୍ରୋସରୀ ସାମଗ୍ରୀ ଆଣିବା ଲାଗି ବାଲକାଟି ବଜାରକୁ ଯାଇଥିଲେ। କିଣି ସାରିବା ପରେ ଟ୍ରଲି ରିକ୍ସା ନେଇ ବାଲକାଟି ଭାର୍ଗବୀ ପୋଲ ଅଭିମୁଖେ ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ଉକ୍ତ ପିକ୍‌ଅପ୍ ଭ୍ୟାନ୍ ଟ୍ରଲିକୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଛବିନାଙ୍କ ମୃତ୍ୟୁ ହୋଇଯାଇଥିଲା। ଦୁର୍ଘଟଣା ପରେ ପିକ୍‌ଅପ୍ ଭ୍ୟାନ୍ ଖସି ପଳାଇଥିଲା। ଅଭିଯୋଗ ଆଧାରରେ ପୁଲିସ ମାମଲାର ତଦନ୍ତ କରୁଥିବାବେଳେ, ଅଂଶୁମାନ ଦୁର୍ଘଟଣା ଘଟାଇଥିବା ଗାଡ଼ି ସହ ବାଲକାଟି ଫାଣ୍ଡିରେ ଆତ୍ମସମର୍ପଣ କରିଥିଲେ। ପଚରାଉଚରା ବେଳେ ନିଜ ଦୋଷ ସ୍ୱୀକାର କରିଥିଲେ। ବର୍ତ୍ତମାନ ଏହି ମାମଲାର ଅଧିକ ତଦନ୍ତ ଚାଲୁ ରହିଛି।

## ନିଖୋଜ ନାବାଳକର ଶବ କାଠଯୋଡ଼ିରୁ ଠାବ

ନନ୍ଦନକାନନ, ୧୨।୨(ସମିସ): ଚନ୍ଦ୍ରଶେଖରପୁର ଥାନା ନୀଳାଦ୍ରିବିହାର ଅଞ୍ଚଳର ନିଖୋଜ ହୋଇଥିବା ଜଣେ ନାବାଳକର ମୃତଦେହ କଟକ କାଠଯୋଡ଼ି ନଦୀରେ ଠାବ ହୋଇଛି। ବୁଧବାର ସକାଳେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ସେତୁ ତଳେ ମୃତଦେହ ପଡ଼ିଥିବାବେଳେ ଲୋକେ ଏହା ଦେଖି ପୁଲିସକୁ ଖବର କରିଥିଲେ। ତଦନ୍ତ ବେଳେ ନୀଳାଦ୍ରିବିହାର ଅଞ୍ଚଳରୁ ମଙ୍ଗଳବାର ନିଖୋଜ ହୋଇଥିବା ପ୍ରତୀକ ଦାଶ(୧୭) ବୋଲି ଜଣାପଡ଼ିଥିଲା।

ପ୍ରତୀକଙ୍କ ବାପା ଜଣେ ବ୍ୟାଙ୍କ କର୍ମଚାରୀ ହୋଇଥିବାବେଳେ ତାଙ୍କ ମାଆଙ୍କ ସହ ନୀଳାଦ୍ରିବିହାରରେ ରହୁଥିଲେ। ମଙ୍ଗଳବାର ଦିନ ୨ଟା ସୁଦ୍ଧା ପ୍ରତୀକ କୌଣସି କାର୍ଯ୍ୟରେ ଘରୁ ବାହାରିଥିଲେ। ଘରକୁ ଫେରିବାରେ ବିଳମ୍ବ ହେବାରୁ ବହୁ ଖୋଜାଖୋଜି ପରେ ରାତି ୧୦ଟାରେ ପୁଅ ନିଖୋଜ ଥିବା ନେଇ ମାଆ ସୁଲୋଚନା ଦାଶ ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ କରିଥିଲେ। ବୁଧବାର ସକାଳୁ ମର୍କତନଗର ଥାନା ସୁଭାଷ ସେତୁ ତଳେ କାଠଯୋଡ଼ି ନଦୀରେ ପ୍ରତୀକଙ୍କ ମୃତଦେହ ଠାବ ହୋଇଥିଲା। ଚନ୍ଦ୍ରଶେଖରପୁର ପୁଲିସ ଖବର ପାଇ ସେଠାରେ ପହଞ୍ଚିଥିଲାବେଳେ ମର୍କତ ନଗର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ଛାନ୍‌ଭିନ୍ ଜାରି ରଖିଛି। ହେଲେ ବର୍ତ୍ତମାନ ଯାଏଁ ମୃତ୍ୟୁର ସଠିକ୍ କାରଣ ଏବେଯାଏଁ ଜଣାପଡ଼ିନାହିଁ।

## ଖୋର୍ଦ୍ଧା ଷ୍ଟେସନରୁ ବୃଦ୍ଧଙ୍କ ପତ୍ତା ମିଳୁନି

ଭୁବନେଶ୍ୱର, ୧୨।୨(ସମିସ): ଜଟଣୀର ଲିଙ୍ଗରାଜ ଦାସ(୬୬) ନାମକ ବ୍ୟକ୍ତି ଗତ ୯ ତାରିଖଠାରୁ ନିଖୋଜ ଅଛନ୍ତି। ତାଙ୍କର କୌଣସି ଖୋଜ୍‌ଖବର ମିଳୁନି। ଗଲାବେଳେ ବ୍ଲୁ ପ୍ୟାଣ୍ଟ ଓ ବ୍ଲାକ୍-ଗ୍ରେ କଲର ସାର୍ଟ ପିନ୍ଧିଥିଲେ। ଖୋର୍ଦ୍ଧାରୋଡ୍ ରେଲ୍‌ୱେ



ଷ୍ଟେସନ ସିସିଟିଭିରେ ସେ ପ୍ଲାଟ୍‌ଫର୍ମରେ ବିଶାଖା ଏକ୍ସପ୍ରେସ୍ ପାଖରେ ବୁଲୁଥିବାର ଦେଖାଯାଉଥିବା ବେଳେ ସେଥିରେ କିମ୍ବା ଅନ୍ୟ କୌଣସି ଟ୍ରେନ୍‌ରେ କେଉଁଆଡ଼େ ଚାଲିଯାଇଥିବାର ଅନୁମାନ କରାଯାଉଛି। ଖୋର୍ଦ୍ଧାରୋଡ୍ ରେଲ୍‌ୱେ ଥାନାରେ ଏ ସମ୍ପର୍କରେ ପରିବାର ଲୋକ ଅଭିଯୋଗ କରିଛନ୍ତି। ଅଭିଯୋଗ ହେବା ପରେ ରେଲ୍‌ୱେ ପୁଲିସ ଏନେଇ ଏକ ନିଖୋଜ ମାମଲା ରୁଜୁକରି ତଦନ୍ତ କରୁଛି। ଯଦି କୌଣସି ସହୃଦୟ ବ୍ୟକ୍ତି ତାଙ୍କର ସନ୍ଧାନ ପାଆନ୍ତି; ତେବେ ମୋବାଇଲ୍ ନମ୍ବର ୯୭୭୭୮୪୬୨୩୫ରେ ଜଣାଇବାକୁ ପରିବାର ଲୋକ ଅନୁରୋଧ କରିଛନ୍ତି।

## ତଣ୍ଟିଚିପି ହତ୍ୟା ଉଦ୍ୟମ; ଜଣେ ଗିରଫ

ଭୁବନେଶ୍ୱର, ୧୨।୨(ସମିସ): ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ତଣ୍ଟିଚିପି ହତ୍ୟା ଉଦ୍ୟମ କରିବା ମାମଲାରେ ଲିଙ୍ଗରାଜ ଥାନା ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ତୋଫାନ ଭୋଇ। ଅଭିଯୋଗକାରୀ ଦିପୁନା ଭୋଇଙ୍କ ଅଭିଯୋଗ କ୍ରମେ ଲିଙ୍ଗରାଜ ଥାନା ପୁଲିସ ମାମଲାର ତଦନ୍ତ କରିଥିଲା। ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ଦିପୁନା ଓ ଅଭିଯୁକ୍ତ ତୋଫାନ ଉଭୟ ଲିଙ୍ଗରାଜ ଥାନା ଅନ୍ତର୍ଗତ କପିଳେଶ୍ୱର, ଗଙ୍ଗୁଆ ଭୋଇସାହିର ବାସିନ୍ଦା। ଗତ ୧୦ ତାରିଖ ରାତିରେ ଅଭିଯୋଗକାରୀ ଘର ବାହାରକୁ ବାହାରିଥିବାବେଳେ, ଅଭିଯୁକ୍ତ ତୋଫାନ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ହଠାତ୍ ତାଙ୍କୁ ମାଡ଼ ମାରିବା ସହ ତାଙ୍କ ତଣ୍ଟିଚିପି ଜୀବନରୁ ମାରିଦେବା ଲାଗି ଉଦ୍ୟମ କରିଥିଲେ। ପାଟି ଶୁଣି ପରିବାର ସଦସ୍ୟ ଚାଲି ଆସିବାରୁ ତୋଫାନ ସେଠାରୁ ଖସି ପଳାଇ ଯାଇଥିଲେ। ଥାନାରେ ଅଭିଯୋଗ ପରେ ପୁଲିସ ଏହି ମାମଲା ରୁଜୁ କରି ତୋଫାନଙ୍କୁ ଗିରଫ କରିଥିଲେ। ପଚରାଉଚରାବେଳେ ସେ ନିଜ ଦୋଷ ସ୍ୱୀକାର କରିଥିଲେ। ତୋଫାନ ନାମରେ ପୂର୍ବରୁ ମଧ୍ୟ ଏୟାରଫିଲ୍ଡ ଥାନାରେ ଏକ ଛିନ୍‌ତାଇ ମାମଲା ରହିଛି।

## ଦାଦା-ଝିଆରୀଙ୍କୁ ଆକ୍ରମଣ ଘଟଣା; ଜଣେ ଗିରଫ

ଧଉଳି, ୧୨।୨(ସମିସ): ଧଉଳି ଥାନା ନଖାଉର ଗ୍ରାମରେ ଦାଦା ଓ ଝିଆରୀଙ୍କୁ ମାଡ଼ ମାରିବା ଘଟଣାରେ ଜଣଙ୍କୁ ଗିରଫ କରିଛି ପୁଲିସ। ସେ ହେଲେ କାହ୍ନୁ ଓରଫ କାହ୍ନୁ ଚରଣ ଭୋଇ। ଖବରନେବାରେ ଜଣାପଡ଼ିଛି, ଏହି ଗ୍ରାମର ମମତା ଦାସ ଓ ତାଙ୍କ ଦାଦା ମଥୁରୀ ଦାସ ଘର ଆଗରେ ଠିଆ ହୋଇଥିଲେ। ଏହି ସମୟରେ ତାଙ୍କ ପଡ଼ୋଶୀ କାହ୍ନୁ ମଥୁରୀଙ୍କୁ ଦେଖାଇ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଗାଳିଗୁଲଜ ସମ୍ପର୍କରେ ମଥୁରୀ ପଚାରିବାରୁ କାହ୍ନୁ ଘର ଆଗରେ ପଡ଼ିଥିବା ଖଡ଼ିକାମୁଠାରେ ଆକ୍ରମଣ କରିଥିଲେ। ଏହା ଦେଖି ଝିଆରୀ ମମତା କାହ୍ନୁକୁ ଅଟକାଇଥିଲେ। କାହ୍ନୁ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଦୁହେଁ ଆହତ ହୋଇ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇଥିଲେ। ପରେ ମମତା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ପୁଲିସ କାହ୍ନୁଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

## ଦୋକାନରୁ ଚାଉଳ ଚୋରି କରି ଗିରଫ

ଭୁବନେଶ୍ୱର, ୧୨।୨(ସମିସ): ଗ୍ରୋସରୀ ଦୋକାନର ତାଲା ଭାଙ୍ଗି ଚାଉଳ ବସ୍ତା ଚୋରି କରିବା ଅଭିଯୋଗରେ ଚନ୍ଦ୍ରଶେଖରପୁର ଥାନା ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ରଞ୍ଜିତ ମାଟିଆ। ତାଙ୍କ ନିକଟରୁ ୬ଟି ଚାଉଳ ବସ୍ତା ଜବତ କରାଯାଇଛି। ଅଭିଯୋଗକାରୀ ମନୋଜ କୁମାର ପାଲଙ୍କ ଏତଲା ଆଧାରରେ ଚନ୍ଦ୍ରଶେଖରପୁର ଥାନା ପୁଲିସ ମାମଲା ରୁଜୁ କରିଥିଲା। ପ୍ରକାଶ ଯେ, ମନୋଜଙ୍କର ଡମଣା ହାଟରେ ଏକ ଚାଉଳ ଦୋକାନ ଅଛି। ଗତ ୧୦ ତାରିଖ ରାତି ୧୦ଟା ସମୟରେ ସେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ପରଦିନ ସକାଳୁ ଆସି ଦୋକାନରୁ ଟଙ୍କା ଓ ଚାଉଳ ଚୋରି ହୋଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତଦନ୍ତ କରି ପୁଲିସ ରଞ୍ଜିତକୁ କାବୁ କରିବା ସହ ତା' ହେପାଜତରୁ ୬ଟି ୧୦କେଜି ଓଜନ ବିଶିଷ୍ଟ ଚାଉଳ ପ୍ୟାକେଟ୍, ଗୋଟିଏ ପେଟିଏମ୍ ମେସିନ୍, ଗୋଟିଏ ଲୁହା ହାତୁଡ଼ି ଏବଂ ୨୦,୫୦୦ ଟଙ୍କା ଜବତ କରିଥିଲେ।

## ବିପୁଳ ପରିମାଣର ମଦ ଜବତ; ୩ ଗିରଫ

ବାଲିଅନ୍ତା, ୧୨।୨(ସମିସ): ବାଲିଅନ୍ତା ଥାନା ପୁଲିସ ବୁଧବାର ବିପୁଳ ପରିମାଣର ଚୋରା ମଦ ଜବତ କରିବା ସହ ୩ ବେପାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ମଦ ବେପାରୀମାନେ ହେଲେ ଲକ୍ଷ୍ମୀସାଗର ଥାନା ଅଧୀନ ତଳ ସାହିର ମଦନ ସାହୁ (୩୫), ସହିଦନଗର ଥାନା କେଶୁରା ଅଞ୍ଚଳରେ ରହୁଥିବା ସନ୍ୟାସୀ ପାତ୍ର (୪୫) ଏବଂ ବାଲିଅନ୍ତା ଥାନା ବେଣ୍ଣୁପୁର ଗ୍ରାମର ଶାନ୍ତନୁ ପାତ୍ର (୨୯)।



ସୂଚନାଯୋଗ୍ୟ ଯେ, ବାଲିଅନ୍ତା ଥାନାଧିକାରୀ ରବୀନ୍ଦ୍ର ମେହେରଙ୍କ ନିର୍ଦ୍ଦେଶ ମୁତାବକ ସମ୍ପୃକ୍ତ ଥାନାର ଏକ ପାଟ୍ରୋଲିଂ ଟିମ୍ ମଙ୍ଗଳବାର ପାଟ୍ରୋଲିଂ କରୁଥିବାବେଳେ ଉକ୍ତ ତିନି ଅଭିଯୁକ୍ତ ତଳଗଡ଼ ସ୍ଥିତ ଦିବ୍ୟଲୋକ ଆନେକ୍ସ ଡୁପ୍ଲେକ୍ସ ସମ୍ମୁଖରେ ବେଆଇନ ଭାବେ ଦେଶୀ ଓ ବିଦେଶୀ ମଦ ଏବଂ ବାଣ ବିକ୍ରି କରୁଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଥିଲେ। ମିଳିଥିବା ଏହି ସୂଚନା ଆଧାରରେ ପାଟ୍ରୋଲିଂ ଟିମ୍ ତୁରନ୍ତ ଘଟଣାସ୍ଥଳରେ ଚଢ଼ଉ କରି ସେମାନଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ। ତଲାସୀବେଳେ ପୁଲିସ ସେମାନଙ୍କ ହେପାଜତରୁ ମୋଟ୍ ୧୨୬.୩୮୦ ଲିଟର ବିଦେଶୀ ଓ ୩୦ ଲିଟର ଆସ୍କା-୪୦ ଦେଶୀ ମଦ ସହିତ ବିପୁଳ ପରିମାଣର ବାଣ ଏବଂ ଦୁଇଟି ରେଫ୍ରିଜେରେଟର ଜବତ କରିଥିଲେ। ପଚରାଉଚରାବେଳେ ଅଭିଯୁକ୍ତମାନେ ଏହି ମଦ କିମ୍ବା ବାଣ ବିକ୍ରି ସଂକ୍ରାନ୍ତୀୟ କୌଣସି ଅନୁମତିପତ୍ର ଦେଖାଇପାରି ନ ଥିବାବେଳେ, ନିଜର ଦୋଷ ସ୍ୱୀକାର କରିଥିଲେ। ବର୍ତ୍ତମାନ ଏହି ମାମଲାର ଅଧିକ ତଦନ୍ତ ଚାଲୁ ରହିଛି।

## ମାର୍କେଟ୍ ଭିତରୁ ମୋବାଇଲ୍ ଝାମ୍ପି ଗିରଫ

ଭୁବନେଶ୍ୱର, ୧୨।୨(ସମିସ): ମାର୍କେଟ୍ ଭିତରେ ଜଣେ ମହିଳାଙ୍କ ହାତରୁ ମୋବାଇଲ୍ ଫୋନ୍ ଝାମ୍ପି ନେବା ଲୁଟିଆ ପାଇଁ ମହଙ୍ଗା ପଡ଼ିଲା। ଚିତ୍କାର ଶୁଣି ଉପସ୍ଥିତ ଲୋକେ ସମ୍ପୃକ୍ତ ଲୁଟେରାକୁ କାବୁ କରିବାରେ ସକ୍ଷମ ହୋଇଥିଲେ। ପରେ ପୁଲିସକୁ ଜିମା ଦେଇଥିଲେ। କ୍ୟାପିଟାଲ ଥାନା ପୁଲିସ ଅଭିଯୁକ୍ତକୁ ପଚରାଉଚରା କରିବା ପରେ ବୁଧବାର ତାକୁ କୋର୍ଟଚାଲାଣ କରିଛି। ଗିରଫ ଲୁଟେରା ହେଲା ବଡ଼ଗଡ଼ କେନାଲ ରୋଡ୍ ଲକ୍ଷ୍ମୀବିହାର ଫେଜ୍-୨ରେ ରହୁଥିବା ମହମ୍ମଦ କାଦିର। ତା' ନିକଟରୁ ପୁଲିସ ବ୍ୟବହୃତ ଗୋଟିଏ ସ୍କୁଟର ଓ ଚୋରି ମୋବାଇଲ୍ ଫୋନ୍‌କୁ ଜବତ କରିଛି। ଏନେଇ ଲୁଟ୍‌ର ଶିକାର ହୋଇଥିବା ମହିଳା ସ୍ନେହାସିନୀ ନାୟକ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ, ଅଭିଯୋଗକାରିଣୀ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଚିନ୍ତାମଣିଶ୍ୱର ଅଞ୍ଚଳରେ ରୁହନ୍ତି। ଗତ ମଙ୍ଗଳବାର ସନ୍ଧ୍ୟାରେ ୟୁନିଟ୍-୨ ଜୋତାଗଳି ନିକଟରେ କିଛି ଜିନିଷପତ୍ର କିଣାକିଣିରେ ସେ ବ୍ୟସ୍ତ ଥିଲେ। ଏହାର ସଯୋଗ ନେଇ ଅଭିଯୁକ୍ତ ଏକ ସ୍କୁଟରରେ ଆସି ହଠାତ୍ ତାଙ୍କ ହାତରୁ ମୋବାଇଲ୍ ଫୋନ୍‌କୁ ଛଡ଼ାଇ ନେଇ ଫେରାର୍ ହେବା ଲାଗି ଉଦ୍ୟମ କରିଥିଲା।

## 'ମୋ ବସ୍' କଣ୍ଡକ୍ଟରଙ୍କୁ ଟେକା ମାରି ଜଣେ ଗିରଫ



ନନ୍ଦନକାନନ, ୧୨।୨(ସମିସ): 'ମୋ ବସ୍' କଣ୍ଡକ୍ଟରଙ୍କୁ ଟେକା ମାରି ଆହତ କରିଥିବା ଜଣେ ଯୁବକଙ୍କୁ ନନ୍ଦନକାନନ ଥାନା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ହେଲେ କଟକ ତିଗିରିଆ ଅଞ୍ଚଳର ଅରୁଣ ବେହେରା (୨୪)। ସେ ନନ୍ଦନକାନନ ଥାନା ଅନ୍ତର୍ଗତ ଜଗନ୍ନାଥସାହି ଟାଙ୍ଗିବସ୍ତିରେ ରୁହନ୍ତି।

ଗତ ୪ ତାରିଖରେ ନନ୍ଦନକାନନ ରୋଡ୍ ରଘୁନାଥପୁର ମହାରଣା ବାଇକ୍ ପଏଣ୍ଟ ନିକଟରେ 'ମୋ ବସ୍' ଧକ୍କାରେ ଜଣେ ନାବାଳିକାର ମୃତ୍ୟୁ ହୋଇଥିଲା। ଉତ୍ୟକ୍ତ ଲୋକ ରାସ୍ତାରୋକ କରିବା ସହ କିଛି ମୋ ବସକୁ ମଧ୍ୟ ଅଟକ ରଖିଥିଲେ। କ୍ରୁଟ୍ ଅଧିକାରୀ ଆସି କ୍ଷତିପୂରଣ ବାବଦକୁ ୨ଲକ୍ଷ ଟଙ୍କା ଦେଇଥିଲେ। ଘଟଣା ସମାଧାନ ହେବା ପରେ ଅରୁଣ ଓ ତାଙ୍କର ଦୁଇ ସହଯୋଗୀ ମୋ ବସ୍ କଣ୍ଡକ୍ଟରଙ୍କୁ ଗାଳିଗୁଲଜ କରିଥିଲେ। ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏହା ଭିତରେ ଅରୁଣ ଏକ ମୋ ବସ୍ ଉପରକୁ ଟେକା ମାରିଥିଲେ। ଟେକା ସିଧା ଯାଇ ମୋ ବସ୍ କାଚରେ ବାଜି ବସ୍‌ର କଣ୍ଡକ୍ଟର ତପନ ନାୟକଙ୍କ କାନମୁଣ୍ଡାରେ ବାଜିଥିଲା। ତାଙ୍କ କାନରୁ ରକ୍ତସ୍ରାବ ହୋଇଥିଲା। ସେଠାରେ ଥିବା ପୁଲିସ ସେଠାରୁ ତାଙ୍କୁ ଉଦ୍ଧାର କରି ନିକଟସ୍ଥ ବାରଙ୍ଗ ମେଡିକାଲକୁ ନେଇ ଚିକିତ୍ସା କରାଇଥିଲା। ଟେକା ବାଜି ଗୋଟେ ମାଢ଼ି ଖସିଯାଇଛି। ଏନେଇ ତପନ ନନ୍ଦନକାନନ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ତଦନ୍ତ କରି ନନ୍ଦନକାନନ ପୁଲିସ ଅରୁଣଙ୍କୁ ଗିରଫ କରିଥିଲାବେଳେ ଏହି ମାମଲାର ଆହୁରି ଅଧିକ ତଦନ୍ତ ଚାଲିଥିବା ନେଇ ଥାନା ଅଧିକାରୀ ସମିତା ମିଶ୍ର ସୂଚନା ଦେଇଛନ୍ତି।

## ବସନ୍ତ ଦିଗାଲ ତମାଣ୍ଡୋ ଥାନା ଅଧିକାରୀ

ଭୁବନେଶ୍ୱର, ୧୨।୨(ସମିସ): କମିସନରେଟ୍ ପୁଲିସ ମୁଖ୍ୟାଳୟରେ ଥିବା ଦୁଇଜଣ ଇନ୍ସପେକ୍ଟରଙ୍କୁ ନୂଆ ଦାୟିତ୍ୱ ଦିଆଯାଇଛି। ଇନ୍ସପେକ୍ଟର ବସନ୍ତ କୁମାର ଦିଗାଲଙ୍କୁ ତମାଣ୍ଡୋ ଥାନା ଦାୟିତ୍ୱ ମିଳିଥିବାବେଳେ ବିଶ୍ୱଜିତ୍ ମନୋବୋଧଙ୍କୁ କ୍ୟାପିଟାଲ ଥାନାର ଅତିରିକ୍ତ ଅଧିକାରୀ ପଦ ମିଳିଛି। ସେହିପରି ତମାଣ୍ଡୋ ଥାନାର ପୂର୍ବତନ ଥାନା ଅଧିକାରୀ ସୁବ୍ରତ କୁମାର ବେହେରା ରିଲିଭ୍ ହୋଇ ତାଙ୍କ ବଦଳିସ୍ଥାନ ସମ୍ବଲପୁର ପୁଲିସ ଜିଲ୍ଲାରେ ଯୋଗଦେଇଛନ୍ତି।

**ଝାରପୋଖରୀ ନିକଟରେ ଖଣ୍ଡାରେ ହାଣିବା ଘଟଣା**

## ଫେରାର୍ ଅଭିଯୁକ୍ତକୁ ଗିରଫକଲା ପୁଲିସ

ଭୁବନେଶ୍ୱର, ୧୨।୨(ସମିସ): ଖଣ୍ଡାରେ ଗୋଡ଼ାଇ ହାଣିବା ଘଟଣାରେ ଫେରାର୍ ଥିବା ଅଭିଯୁକ୍ତକୁ ଏୟାରପୋର୍ଟ ଥାନା ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲା ସୁନ୍ଦରପଦା ଖଣ୍ଡୁଆଳ ସାହିରେ ରହୁଥିବା ରାଜା ଓରଫ ରାଜେଶ ବେହେରା। ଏନେଇ ନିବେଦିତା ସାହୁ ଥାନାରେ ଅଭିଯୋଗ କରିଥିଲେ।

ସୂଚନାଯୋଗ୍ୟ, ଗତ ଜାନୁଆରୀ ୫ ମଧ୍ୟାହ୍ନ ପ୍ରାୟ ସାଢ଼େ ୧୨ଟାରେ ପୀଡ଼ିତ ସୌମ୍ୟ ରଞ୍ଜନ ସାହୁ ଏବଂ ସିଦ୍ଧାର୍ଥ ରଞ୍ଜନ ସାହୁ ଉଭୟମିଶି ଝାରପୋଖରୀ ଯାଇଥିଲେ। ମଣ୍ଟୁ ସାମଲ ନାମକ ଯୁବକ କୌଣସି ଏକ ବିଷୟରେ ଆଲୋଚନା କରିବା ଲାଗି ସିଦ୍ଧାର୍ଥଙ୍କୁ ନିକଟସ୍ଥ କ୍ଲବକୁ ସାଙ୍ଗରେ ଯିବା ଲାଗି କହିଥିଲେ। ସିଦ୍ଧାର୍ଥ ତାଙ୍କ କଥାରେ ରାଜି ନ ହେବାରୁ ମଣ୍ଟୁ ତାଙ୍କୁ ମାଡ଼ ମାରିଥିଲା। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପରେ ମଣ୍ଟୁ ଉଭୟଙ୍କୁ ଜୀବନରୁ ମାରିଦେବାର ପାଇଁ ଧମକ ଦେଇ ପଳାଇଥିଲା। ସେହିଦିନ ଅପରାହ୍ଣ ପ୍ରାୟ ୨ଟାରେ ସୌମ୍ୟ ରଞ୍ଜନ ଏବଂ ସିଦ୍ଧାର୍ଥ ଝାରପୋଖରୀରୁ ସ୍କୁଟରରେ ଘରକୁ ଯିବା ଲାଗି ବାହାରିଥିବାବେଳେ ଅଭିଯୁକ୍ତ ମଣ୍ଟୁ, ପିତୁନା, ରାଜା ଓ ତାଙ୍କର ଅନ୍ୟ ସହଯୋଗୀ ଏକ କାର୍ ଏବଂ ଏକ ମୋଟର ସାଇକଲରେ ପହଞ୍ଚି ତାଙ୍କୁ ଜୋର୍‌ଜବରଦସ୍ତ ରାସ୍ତାରେ ଅଟକାଇ ଖଣ୍ଡା ଏବଂ ଛୁରିରେ ଆକ୍ରମଣ କରି ପଳାଇଥିଲେ। ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ କରି ପୂର୍ବରୁ ଅଭିଯୁକ୍ତ ପିତୁନାକୁ ଗିରଫ କରିଥିଲା। ରାଜା ଜଣେ ଅଭ୍ୟାସଗତ ଅପରାଧୀ ହୋଇଥିବାବେଳେ ତା' ନାମରେ ପୂର୍ବରୁ ଏୟାରଫିଲ୍ଡ ଥାନାରେ ୪ଟି ଓ ଏୟାରପୋର୍ଟ ଥାନାରେ ଗୋଟିଏ ମାମଲା ରହିଛି।

## ଏମ୍‌ସରେ ଟିକଟ୍ କରାଇଦେବା ନାଁରେ ଲୁଟ୍; ଯୁବକ ଗିରଫ

ଭୁବନେଶ୍ୱର, ୧୨।୨(ସମିସ): ଏମ୍‌ସ ହସ୍ପିଟାଲରେ ଲୋକଙ୍କୁ ଶୀଘ୍ର ଟିକଟ୍, ଭଲ ଡାକ୍ତର ଦେଖାଇବେ ଏବଂ ଅନ୍ୟାନ୍ୟ ସୁବିଧା ଯୋଗାଇଦେବାକୁ କହି ଅର୍ଥ ଲୁଟୁଥିଲେ। ଏନେଇ ଅଭିଯୋଗକାରୀ ପଦ୍ମନାଭ କର ଖଣ୍ଡଗିରି ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ସୁରେଶ ପ୍ରଧାନଙ୍କୁ ଗିରଫ କରିଛି।

ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ଜଣକ ଏମ୍‌ସ ହସ୍ପିଟାଲରେ ସିକ୍ୟୁରିଟି ଇନ୍‌ଚାର୍ଜ ଭାବେ କାର୍ଯ୍ୟ କରନ୍ତି। ଗତ ୧୧ତାରିଖ ସକାଳ ୭ଟାରେ ସେ ତାଙ୍କ ସହକର୍ମୀଙ୍କ ସହ ମିଶି ଡ୍ୟୁଟି ସମ୍ପାଦନ କରୁଥିବାବେଳେ, ନିମ୍ନୋକ୍ତ ଅଭିଯୁକ୍ତ ଜଣକ ଓପିଡି ଟିକଟ୍ କାଉଣ୍ଟର ସମ୍ମୁଖରେ ଧାଡ଼ିରେ ଛିଡ଼ା ହୋଇଥିବା ଲୋକମାନଙ୍କୁ ଟାଣି ବାହାର କରି ନିଜେ ଧାଡ଼ିରେ ପ୍ରଥମେ ଛିଡ଼ା ହେବା ଲାଗି ଉଦ୍ୟମ କରୁଥିବା ଦେଖିବାକୁ ପାଇଥିଲେ। ପରେ ସେ ତୁରନ୍ତ ସେଠାକୁ ଯାଇଥିବାବେଳେ, ସମ୍ପୃକ୍ତ ଅଭିଯୁକ୍ତ ଜଣକ ନିୟମିତ ଭାବେ ଏମ୍‌ସ ହସ୍ପିଟାଲକୁ ଆସି ଓଡ଼ିଶା ବାହାରୁ ଆସିଥିବା ରୋଗୀମାନଙ୍କୁ ଶୀଘ୍ର ଟିକଟ କରାଇଦେବା, ଭଲ ଡାକ୍ତରଙ୍କ ସହିତ ପରାମର୍ଶ କରାଇଦେବା ତଥା ଅନ୍ୟାନ୍ୟ ସୁବିଧା ସୁଯୋଗ ଉପଲବ୍ଧି କରାଇଦେବାର ପ୍ରତିଶ୍ରୁତି ଦେଇ ସେମାନଙ୍କ ନିକଟରୁ ଟଙ୍କା ହଡ଼ପ କରିବା ଭଳି କାର୍ଯ୍ୟ କରୁଥିବା ଜାଣିବାକୁ ପାଇଥିଲେ। ଅଭିଯୋଗକାରୀ ତଥା ତାଙ୍କ ସହକର୍ମୀମାନେ ପୂର୍ବରୁ ଏକାଧିକବାର ଅଭିଯୁକ୍ତଙ୍କୁ ଏଭଳି କାର୍ଯ୍ୟରୁ ନିବୃତ ରହିବା ଲାଗି ପରାମର୍ଶ ଦେଇଥିଲେ ମଧ୍ୟ ଅଭିଯୁକ୍ତ ଜଣକ ସେମାନଙ୍କ କଥାକୁ ଖାତିର୍ ନ କରି ପୂର୍ବବତ୍ ଏହିଭଳି କାର୍ଯ୍ୟ ଜାରି ରଖିଥିଲେ। ପରେ ସେ ବାଧ ହୋଇ ଅଭିଯୁକ୍ତଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୁକ୍ତ ହେପାଜତରୁ ପଶ୍ଚିମବଙ୍ଗରୁ ଆସିଥିବା ରୋଗୀମାନଙ୍କ ନିକଟରୁ ଓପିଡି ଟିକଟ୍ କରାଇଦେବା ଲାଗି ନେଇଥିବା ୧୦୦୦ ଟଙ୍କା ଏବଂ ୫ଟି ଆଧାର କାର୍ଡ ଜବତ କରିଥିଲେ।

**ଗାଡ଼ିରେ ୯ ବର୍ଷର ଶିଶୁକୁ ୫୦ ମିନିଟ୍ ଅଟକ ରଖିବା ଘଟଣା**

## ଟ୍ରାଫିକ୍ ପୁଲିସକୁ ଡାକି ତାଗିଦ୍ କଲେ ସିପି

ଭୁବନେଶ୍ୱର, ୧୨।୨(ସମିସ): ରାସ୍ତାରେ ୟୁ-ଟର୍ଣ୍ଣ ନେଇଥିବା ଏକ ଗାଡ଼ି ଭିତରେ ୯ ବର୍ଷର ଶିଶୁକୁ ପ୍ରାୟ ୫୦ ମିନିଟ୍ ଧରି ଟ୍ରାଫିକ୍ ପୁଲିସ ଅଟକ ରଖିବା ଘଟଣାରେ ସମ୍ପୃକ୍ତ ଅଧିକାରୀଙ୍କୁ ଡାକି ସିପି ସୁରେଶ ଦେବଦତ୍ତ ସିଂହ ତାଗିଦ୍ କରିଛନ୍ତି। ଘଟଣା ସମ୍ପର୍କରେ ଉତ୍ତର ରଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ସମ୍ବେଦନଶୀଳ ହୋଇ କାମ କରିବାକୁ ଉପଦେଶ ଦେଇଛନ୍ତି। ଏପରି ଘଟଣାର ଯେପରି ପୁନରାବୃତ୍ତି ନ ଘଟେ ସେଥିପ୍ରତି ସଚେତନ ରହିବା ପାଇଁ ସମସ୍ତ କର୍ମଚାରୀଙ୍କୁ ଶ୍ରୀ ସିଂହ କହିଛନ୍ତି।

**ଘଟଣା ସମ୍ପର୍କରେ ଉତ୍ତର ରଖିବା ପାଇଁ ନିର୍ଦ୍ଦେଶ**

ସୂଚନାଯୋଗ୍ୟ ଯେ, ମଙ୍ଗଳବାର ପୂର୍ବାହ୍ଣ ପ୍ରାୟ ସାଢ଼େ ୧୦ଟାରେ ସ୍କୁଲରୁ ଶିଶୁକୁ ନେଇ ଚାଳକ ରାଜଭବନ ଆଡୁ ଲକ୍ଷ୍ମୀସାଗର ଅଭିମୁଖେ ଯିବା ସମୟରେ ଏଜି ଛକରେ ଟ୍ରାଫିକ୍ ଲାଇଟ୍ ନାଲି ଥିବାରୁ ବିଳମ୍ବ ହେବା ଜାଣି ଚାଳକ ବାମ କଡ଼ ଦେଇ ରାଜମହଲ ଆଡ଼କୁ ଯିବା ପାଇଁ ୟୁ-ଟର୍ଣ୍ଣ କରିଥିଲେ। ସେଠାରେ ଜଗିଥିବା ଟ୍ରାଫିକ୍ ପୁଲିସ ଗାଡ଼ିକୁ ଅଟକାଇ ଟ୍ରାଫିକ ନିୟମ ଉଲ୍ଲଂଘନ ପାଇଁ ଜରିମାନା ଦେବାକୁ ପଡ଼ିବ ବୋଲି କହିଥିଲେ। ଚାଳକ କ୍ଷମା ମାଗିବା ସହ ଶିଶୁକୁ ସ୍କୁଲରୁ ନେଇ ଯାଉଥିବାରୁ ଛାଡ଼ି ଦେବା ପାଇଁ ଅନୁରୋଧ କରିଥିଲେ। କିନ୍ତୁ ଥାନାକୁ ଯିବା ଲାଗି ଉପସ୍ଥିତ ପୁଲିସ କର୍ମଚାରୀ ତାଙ୍କୁ ବାଧ୍ୟ କରିଥିଲେ। ଜଣେ ପୁଲିସ କର୍ମଚାରୀ ଗାଡ଼ିକୁ ଥାନାକୁ ନେଇ ଯାଇଥିଲେ। ଘଟଣା ସମ୍ପର୍କରେ ଚାଳକ ଶିଶୁଙ୍କ ମାଆ ଦ୍ୱୀପାନ୍ୱିତା ମିଶ୍ରଙ୍କୁ ଜଣାଇବା ପରେ ଜରିମାନା ପଠାଇଦେବା ପାଇଁ ଶ୍ରୀମତୀ ମିଶ୍ର କଥା ହେବାକୁ ଚାହିଁଥିଲେ। କିନ୍ତୁ ପୁଲିସ ଫୋନ୍ ଧରି ନ ଥିଲା। ଶ୍ରୀମତୀ ମିଶ୍ର ଥାନାରେ ଜରିମାନା ପୈଠ କରିବାକୁ ଚାହିଁଥିଲେ ମଧ୍ୟ ପୁଲିସ ନଗଦ ଟଙ୍କା ଦେବା ଲାଗି ବାଧ୍ୟ କରିଥିଲା। ଇ-ପେମେଣ୍ଟ ପାଇଁ ପୁଲିସ ମନା କରି ଦେଇଥିଲା। ପ୍ରାୟ ୫୦ ମିନିଟ ଧରି ଶିଶୁ ଭୋକରେ ଗାଡ଼ି ଭିତରେ ରହିଥିଲା।



# ଆରମ୍ଭ ହେଲାଣି ଗାନ୍ଧୀ ଶିଳ୍ପ ବଜାର

**■ ରହିଛି ୪୦ରୁ ଅଧିକ ଷ୍ଟଲ୍**
**■ ବିଭିନ୍ନ ହସ୍ତତନ୍ତ ଓ ହସ୍ତଶିଳ୍ପ ଉପକରଣର ମେଳିଛି ଆସର**

ଭୁବନେଶ୍ୱର, ୧୨।୨(ସମିସ): ଏକାମ୍ର ହାଟରେ ଆରମ୍ଭ ହୋଇଛି ଗାନ୍ଧୀ ଶିଳ୍ପ ବଜାର। ଯେଉଁଠି ବିଭିନ୍ନ ଜିଲ୍ଲା ତଥା ରାଜ୍ୟ ବାହାରୁ ମଧ୍ୟ ଶିଳ୍ପୀ ଓ କାରିଗର ଆସି ଏଠାରେ ନିଜ କଳା ପ୍ରଦର୍ଶିତ କରୁଛନ୍ତି। ଏହି ଶିଳ୍ପୀ ତଥା କାରିଗରଙ୍କ ମଧ୍ୟରେ ମହିଳାଙ୍କ ସଂଖ୍ୟା ଅଧିକ ଦେଖିବାକୁ ମିଳୁଛି। ଏଠାରେ ଶାଢ଼ିଠୁ ଆରମ୍ଭ କରି ଚୂଡ଼ି ଏବଂ ପଟ୍ଟଚିତ୍ର କାରିଗରୀ, ପିପିଲିର ଚାନ୍ଦୁଆ, କାଠର ବିଭିନ୍ନ ଉପକରଣ ଆଦିର ସମ୍ଭାର ଗୋଟିଏ ସ୍ଥାନରେ ଦେଖିବାକୁ ମିଳୁଛି। ସୂଚନା ଅନୁଯାୟୀ, ମୋଟ ୫୦ଟି ଷ୍ଟଲ୍ ଏହି ମେଳାରେ ରହିଛି। ଏଥିରେ କାଶ୍ମୀର, ପଶ୍ଚିମବଙ୍ଗ ଓ ରାଜସ୍ଥାନରୁ ମଧ୍ୟ ଶିଳ୍ପୀ ଓ କାରିଗର ଆସି ଯୋଗଦେଇଛନ୍ତି।

## ଆକର୍ଷିତ କରୁଛି କ୍ଲେ'ରୁ ତିଆରି ଗହଣା



ମେଳାରେ ମହିଳାମାନଙ୍କୁ ବିଭିନ୍ନ ଡିଜାଇନ୍‌ର ତଥା ସୁନ୍ଦର କାମ ହୋଇଥିବା ଗହଣା ବେଶ୍ ପସନ୍ଦ ହୋଇଥାଏ। ହେଲେ ବର୍ତ୍ତମାନ ସମୟରେ ମହିଳାମାନେ କ୍ରାଫ୍ଟେଡ୍ ଗହଣାକୁ ବେଶୀ ପସନ୍ଦ କରୁଛନ୍ତି। ସେହି ପରିପ୍ରେକ୍ଷୀରେ ଯୁବପିଢ଼ିଙ୍କ ମଧ୍ୟରେ ଏହି କାରିଗରୀର ଲୋକପ୍ରିୟତା ମଧ୍ୟ ବୃଦ୍ଧି ପାଇବାର ଲାଗିଛି। ଏହି ଗାନ୍ଧୀ ଶିଳ୍ପ ବଜାରରେ ମଧ୍ୟ ଏହି କାରିଗରୀର ଷ୍ଟଲ୍ ଦେଖିବାକୁ ମିଳୁଛି। ଯେଉଁଠି କ୍ଲେ, ମାଟି ଓ କାଠ ନିର୍ମିତ ବିଭିନ୍ନ ଡିଜାଇନ୍‌ର ଗହଣା ସୁସଜ୍ଜିତ ହୋଇ ରହିଛି। ସେଥିରେ ମାଛ, ଫୁଲ, ଗଛ, ପ୍ରଜାପତି, ଅନ୍ୟ କିଟପତଙ୍ଗ ତଥା ଜଗନ୍ନାଥଙ୍କ ଚିତ୍ର ଆଦି ବେଶ୍ ଆକର୍ଷିତ କରୁଛି। କାନଫୁଲ, ହାର, ଚୂଡ଼ି ଆଦି ବିକ୍ରି ହେଉଛି। ଯାହାର ମୂଲ୍ୟ ୨୦ ଟଙ୍କାରୁ ଆରମ୍ଭ ହୋଇ ୨୦୦ ଟଙ୍କା ପର୍ଯ୍ୟନ୍ତ ରହିଛି।

## ବିନା ପ୍ରଶିକ୍ଷଣରେ କଳାକୁ ପରିଚୟ କରିଛନ୍ତି ଯୋଗମାୟା



ଦେବଗଡ଼ରୁ ଆସି ମେଳାରେ ନିଜ ଷ୍ଟଲ୍ ଖୋଲିଥିବା ଯୋଗମାୟା କାରିଗର କାହାରିଠୁ ପ୍ରଶିକ୍ଷଣ ନ ନେଇ ମଧ୍ୟ ସୁନ୍ଦର କଳାକୃତି ମାଧ୍ୟମରେ ନିଜ ପରିଚୟ ଗଢ଼ିପାରିଛନ୍ତି। ଯାହାର ଉଦାହରଣ ତାଙ୍କ କଳାରେ ପ୍ରତୀୟମାନ ହେଉଥିଲା। କେତେବେଳେ ଜଗାଙ୍କୁ ନିଜ କଳାରେ ଗଢ଼ିବାକୁ ଚେଷ୍ଟା କରନ୍ତି ତ କେତେବେଳେ କୃଷ୍ଣଙ୍କ ଛବିରେ ରଙ୍ଗ ଭରୁଥା'ନ୍ତି। ଏପରି ସେ କେତେ କ'ଣ କ୍ଲେ ମାଧ୍ୟମରେ ଗଢ଼ି ସାରିଲେଣି। ନିଜର ଏହି ସ୍ୱତନ୍ତ୍ର ପରିଚୟ ତିଆରି ପାଇଁ ପ୍ରତିଦିନ ପ୍ରୟାସ ଜାରି ରଖିଥା'ନ୍ତି ବୋଲି କୁହନ୍ତି। ଏପରି କାର୍ଟୁନ୍ ଚାବିରିଙ୍ଗ୍, କୁଲାରେ ବିଭିନ୍ନ ପ୍ରକୃତିର ସୌନ୍ଦର୍ଯ୍ୟ, ଫଟୋ ଆଦି କେତେ ଜିନିଷ ସେ ତିଆରି କରିସାରିଛନ୍ତି। ଏସବୁର ମୂଲ୍ୟ ୨୦ ଟଙ୍କାରୁ ୧ ହଜାର ଟଙ୍କା ପର୍ଯ୍ୟନ୍ତ ରଖିଛନ୍ତି ବୋଲି କୁହନ୍ତି। ଏସବୁ ସେ ପୁରୁଣା ଖବରକାଗଜ ଓ ୱେଷ୍ଟ ବୋତଲରୁ ତିଆରି କରୁଛନ୍ତି।

## ମନମୋହୁଛି ପଟ୍ଟଚିତ୍ର ଉପକରଣ

ପୁରୀସ୍ଥିତ ରଘୁରାଜପୁରର ପଟ୍ଟଚିତ୍ର ସବୁଠି ପରିଚିତ। ହେଲେ ରଘୁରାଜପୁରର ପଟ୍ଟଚିତ୍ର ଉପକରଣ ବର୍ତ୍ତମାନ ରାଜଧାନୀରେ ଦେଖିବାକୁ ମିଳୁଛି। ଏହି ମେଳାରେ ଜଗନ୍ନାଥଙ୍କ ପଟ୍ଟଚିତ୍ରଠୁ ଆରମ୍ଭ କରି ବିଭିନ୍ନ ସାଜସଜ୍ଜା ଉପକରଣ ଓ ଶାଢ଼ିରେ ମଧ୍ୟ ଝଲକ ରହିଛି। ଏହିସବୁ ଜିନିଷର ମୂଲ୍ୟ ୪୦ ଟଙ୍କାରୁ ଆରମ୍ଭ ହୋଇ ୧୫ଶହ ପର୍ଯ୍ୟନ୍ତ ରହିଛି।



# ୬ ଦଫା ଦାବିରେ ବିଦ୍ୟୁତ୍ ବିଭାଗ ଯନ୍ତ୍ରୀଙ୍କ ଧାରଣା




ଭୁବନେଶ୍ୱର, ୧୨।୨(ସମିସ): ୬ଦଫା ଦାବି ନେଇ ଓଡ଼ିଶା ପାୱାର ସେକ୍ଟର ଏମ୍ପ୍ଲଇଜ୍ ଜଏଣ୍ଟ ଫୋରମ୍ ପକ୍ଷରୁ ଗାନ୍ଧୀ ମାର୍ଗରେ ଧାରଣା ଦିଆଯାଇଛି। ସଂଘ ଅଭିଯୋଗ କରିଛି ଯେ ପୂର୍ବରୁ ଫୋରମ୍ ପକ୍ଷରୁ କରାଯାଇଥିବା ଆନ୍ଦୋଳନ ପାଇଁ ସଂଘର କର୍ମକର୍ତ୍ତାମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଦ୍ୱିପାକ୍ଷିକ ଆଲୋଚନା ମାଧ୍ୟମରେ ତୁରନ୍ତ ସମସ୍ୟାଗୁଡ଼ିକର ସମାଧାନ କରାଯିବା ସହ ସଭ୍ୟମାନଙ୍କ ବିରୋଧରେ ନିଆଯାଇଥିବା ଅନୈତିକ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନକୁ ପ୍ରତ୍ୟାହାର କରାଯାଉ ବୋଲି ଦାବି କରାଯାଇଛି। ସେହିଭଳି ସରକାରୀ ନିୟମରେ ନିଯୁକ୍ତିପ୍ରାପ୍ତ ଏବଂ ଘରୋଇ ସଂସ୍ଥା ଦ୍ୱାରା ନିଯୁକ୍ତିପ୍ରାପ୍ତ ଯନ୍ତ୍ରୀମାନଙ୍କ ମଧ୍ୟରେ ପ୍ରକାଶିତ ସମାନତା ବିଜ୍ଞପ୍ତିକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ଦାବି କରାଯାଇଛି। ପ୍ରତ୍ୟାହାର କରାଯାଇଥିବା ସମସ୍ତ ପଦୋନ୍ନତି ବିଜ୍ଞପ୍ତିର ପୁନଃପ୍ରତିଷ୍ଠା ପ୍ରମୁଖ ଦାବି ରହିଛି। ଏହି ଆନ୍ଦୋଳନରେ ଫୋରମ୍‌ର ସଭାପତି ନବୀନ କୁମାର ମିଶ୍ର ଓ ସାଧାରଣ ସମ୍ପାଦକ ସୁନୀଲ କୁମାର ସ୍ୱାଇଁ ନେତୃତ୍ୱ ନେଇଥିଲେ।

# ମହାଶିବରାତ୍ରି ପାଇଁ ଶ୍ରୀଲିଙ୍ଗରାଜଙ୍କ ନୀତି ନିର୍ଘଣ୍ଟ

**ରାତି ୧୦ଟାରେ ଉଠିବ ମହାଦୀପ**
**ପ୍ରଶାସନ ନିଷ୍ପତ୍ତିରେ ଟ୍ରଷ୍ଟବୋର୍ଡ ମାରିଲା ମୋହର**

ଭୁବନେଶ୍ୱର, ୧୨।୨(ସମିସ): ଆସନ୍ତା ୨୬ରେ ଜାଗର ବା ମହାଶିବରାତ୍ରି ପାଇଁ ଲିଙ୍ଗରାଜ ମନ୍ଦିର ପ୍ରଶାସନ ପକ୍ଷରୁ ମଙ୍ଗଳବାର ନୀତି ନିର୍ଘଣ୍ଟ ଉପରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମହାଶିବରାତ୍ରିରେ ମହାଦୀପ ରାତି ୧୦ଟାରେ ଉଠିବ ବୋଲି ସ୍ଥିର ହୋଇଥିଲା। ଏନେଇ ବୁଧବାର ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ସର୍କିଟ୍ ହାଉସ୍‌ଠାରେ ଅନୁଷ୍ଠିତ ଟ୍ରଷ୍ଟବୋର୍ଡ ବୈଠକରେ ଜାଗର ନୀତିକାନ୍ତି ଉପରେ ଆଲୋଚନା ଓ ପର୍ଯ୍ୟାଲୋଚନା ହେବା ସହ ମକର ନୀତି ପୂଜା, ଜାଗର ପାସ୍ ଉପରେ ଜିଲ୍ଲାପାଳଙ୍କ ସହ ଆଲୋଚନା କରାଯାଇଥିଲା। ପରେ ପ୍ରଶାସନ ପକ୍ଷରୁ ଜାଗର ପାଇଁ ଚୂଡ଼ାନ୍ତ ହୋଇଥିବା ନୀତିକାନ୍ତି ଉପରେ ଟ୍ରଷ୍ଟବୋର୍ଡ ମୋହର ମାରିଥିଲେ।

ସୂଚନା ଅନୁସାରେ, ୨୫ ତାରିଖ ରାତି ୨ଟା ୩୦ ମଧ୍ୟରେ ମନ୍ଦିର ଖୋଲାଯାଇ ୩ଟାରୁ ୩.୩୦ ମଧ୍ୟରେ ମଙ୍ଗଳ ଆଳତି ଓ ଅବକାଶ ନୀତି ସମ୍ପନ୍ନ ହେବ। ପରେ ଭୋର୍ ୩ଟା ୩୦ରୁ ୧୧ଟା ପର୍ଯ୍ୟନ୍ତ ଭକ୍ତମାନେ ସାହାଣ ମେଳା ଦର୍ଶନ କରିବେ। ସକାଳ ସାଢ଼େ ୬ଟାରେ ରୋଷ ହୋମ, ୧୧ଟାରୁ ୧୨ଟା ପର୍ଯ୍ୟନ୍ତ ଛାମୁ ପରିଷ୍କାର, ୧୨ଟାରୁ ୧୨ଟା ୪୫ ମହାସ୍ନାନ ଓ ବେଶ, ୧୨ଟା ୪୫ରୁ ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଶ୍ରୀଜୀଉଙ୍କ ଠାକୁରାଣୀ ବଲ୍ଲଭ ଓ ସକାଳ ଧୂପ ଅନୁଷ୍ଠିତ ହେବ। ଅପରାହ୍ଣ ୨ଟା ୩୦ରୁ ୨ଟା ୪୫ ମା' ଭୁବନେଶ୍ୱରୀଙ୍କ ସକାଳ ଧୂପ, ୨ଟା ୪୫ରୁ ୩ଟା ୪୫ ଭୋଗ ମଣ୍ଡପ, ୩ଟା ୪୫ରୁ ୪ଟା ୪୫ ପର୍ଯ୍ୟନ୍ତ ପୁଣି ଭକ୍ତମାନେ ସାହାଣମେଳା ଦର୍ଶନ କରିବେ। ୪ଟା ୪୫ରୁ ସନ୍ଧ୍ୟା ୫ଟା ୧୫ ପର୍ଯ୍ୟନ୍ତ ଛାମୁ ପରିଷ୍କାର, ୫ଟା ୧୫ରୁ ୫ଟା ୪୫ ପର୍ଯ୍ୟନ୍ତ ଶ୍ରୀଜୀଉଙ୍କ ବେଶ, ୫ଟା ୪୫ରୁ ରାତି ୭ଟା ପର୍ଯ୍ୟନ୍ତ ବୀର କିଶୋର ବଲ୍ଲଭ, ଦ୍ୱିପହର ଧୂପ ଓ ଭୁବନେଶ୍ୱରୀଙ୍କ ଦ୍ୱିପହର ଧୂପ ଅନୁଷ୍ଠିତ ହେବ। ସେହିପରି ସନ୍ଧ୍ୟା ୭ଟାରୁ ୭ଟା ୧୦ ପର୍ଯ୍ୟନ୍ତ ପହୁଡ଼, ୭ଟା ୧୦ରୁ ୭ଟା ୩୦ ପର୍ଯ୍ୟନ୍ତ ସନ୍ଧ୍ୟା ଆଳତି, ଟେରାଫିଟା, ୭ଟା ୩୦ରୁ ୮ଟା ୧୦ ଶ୍ରୀଜୀଉଙ୍କ ମାଜଣା ଓ ବେଶ, ୮ଟା ୧୦ରୁ ୮ଟା ୫୫ ପର୍ଯ୍ୟନ୍ତ ଶ୍ରୀଜୀଉଙ୍କ ମାଜଣା ଓ ବେଢ଼ା ପରିକ୍ରମା ହେବ। ୮ଟା ୫୫ରୁ ୧୦ଟା ଭିତରେ ସନ୍ଧ୍ୟା ଧୂପ ଓ ତୀର୍ଥ ଜଳ ଆସି ୧୦ଟାରେ ମହାଦୀପ ଉଠାଯିବ। ମହାଦୀପ ଉଠିବା ପରେ ୧୦ଟାରୁ ୧୧ଟା ପର୍ଯ୍ୟନ୍ତ ସାହାଣ ମେଳା ଦର୍ଶନ ହେବ। ୧୧ଟାରୁ ୧୧ଟା ୩୦ ପର୍ଯ୍ୟନ୍ତ ଭୁବନେଶ୍ୱରୀଙ୍କ ସନ୍ଧ୍ୟା ଧୂପ, ପୂଜା ଓ ଶ୍ରୀଜୀଉଙ୍କ ଛାମୁ ପରିଷ୍କାର ହେବ। ୧୧ଟା ୩୦ରୁ ୩ଟା ୩୦ ପର୍ଯ୍ୟନ୍ତ ଚାରିପ୍ରହର ପୂଜା, ୩ଟା ୩୦ରୁ ୪ଟା ୩୦ ହରିହର ଭେଟ ହେବ। ୪ଟା ୩୦ରୁ ୫ଟା ୧୫ ପର୍ଯ୍ୟନ୍ତ ବଡ଼ ସିଂହାର ଓ ପହୁଡ଼ ହେବ ବୋଲି ପ୍ରଶାସନ ପକ୍ଷରୁ ନୀତି ନିର୍ଘଣ୍ଟ ହେଇଥିଲା। ଏହି ନୀତି ନିର୍ଘଣ୍ଟକୁ ପ୍ରଶାସନ ପକ୍ଷରୁ ଟ୍ରଷ୍ଟବୋର୍ଡ ବୈଠକରେ ଉପସ୍ଥାପନା କରାଯାଇଥିଲା। ଏହି ଟ୍ରଷ୍ଟ ବୋର୍ଡ ବୈଠକରେ ଜିଲ୍ଲାପାଳଙ୍କ ସମେତ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ରୁଦ୍ର ନାରାୟଣ ମହାନ୍ତି, ବିଏମ୍‌ସି ଅତିରିକ୍ତ କମିସନର ଶୁଭେନ୍ଦୁ ସାହୁ, ବ୍ରାହ୍ମଣ ନିଯୋଗ ସମ୍ପାଦକ ବିରଞ୍ଚି ନାରାୟଣ ପତି, ପୂଜାପଣ୍ଡା ନିଯୋଗ ସଭାପତି, ପ୍ରସନ୍ନ ପୂଜାପଣ୍ଡା, ବଡୁ ନିଯୋଗ ସଭାପତି ଅଞ୍ଚଳ ବଡୁ ଓ ଜୋନ୍ ୨ର ଆସିଷ୍ଟାଣ୍ଟ କମିସନର ପୁଲିସ ମଧ୍ୟ ଉପସ୍ଥିତ ଥିଲେ ବୋଲି ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କହିଛନ୍ତି।

**ଫାର୍ମାସୀ ଅଫିସର ଓ ଏମ୍‌ପିଏଚ୍‌ଡବ୍ଲୁଏମ୍ ନିଯୁକ୍ତି ବିଳମ୍ବ ଘଟଣା**

# ରାଜରାସ୍ତାକୁ ଓହ୍ଲାଇବେ ଓଡ଼ିଶା ପଞ୍ଜିକୃତ ଫାର୍ମାସିଷ୍ଟ ମହାସଂଘ

ଭୁବନେଶ୍ୱର, ୧୨।୨(ସମିସ): ରାଜ୍ୟରେ ଗୋଟେ ପଟେ ଆବଶ୍ୟକୀୟ ଫାର୍ମାସୀ ଅଫିସର ନ ଥିବାରୁ ଅଣ ଫାର୍ମାସିଷ୍ଟ ନିରାମୟରେ ଔଷଧ ବାଣ୍ଟିବା ବିକଳ ଚିତ୍ର ସବୁଦିନ ପଦାକୁ ଆସୁଛି। ଅନ୍ୟ ପକ୍ଷରେ ଓଏସ୍‌ଏସ୍‌ଏସ୍‌ସିର ମନମୁଖୀ କାର୍ଯ୍ୟ ପାଇଁ ଦୀର୍ଘ ୨ବର୍ଷ ପରେ ବି ଫାର୍ମାସୀ ଅଫିସର ଏବଂ ପୁରୁଷ ବହୁମୁଖୀ ସ୍ୱାସ୍ଥ୍ୟ କର୍ମୀଙ୍କ ନିଯୁକ୍ତି ସମ୍ପୂର୍ଣ୍ଣ ହୋଇପାରୁ ନାହିଁ। ୨୦୨୩ ଏପ୍ରିଲ ୧୬ରେ ଏସ୍‌ମା ଲାଗୁ ହେବା ପରେ ୧୭ ତାରିଖରେ ଓଏସ୍‌ଏସ୍‌ଏସ୍‌ସି କ୍ୟାଲେଣ୍ଡରେ ଫାର୍ମାସୀ ଅଫିସର ଏବଂ ଏମ୍‌ପିଏଚ୍‌ଡବ୍ଲୁ ନିଯୁକ୍ତି ଆସିବ ବୋଲି ନୋଟିସ୍ ଆସିଥିଲା। ଏହାପରେ ବାରମ୍ବାର ପତ୍ର ପ୍ରେରଣ ଏବଂ ଯୋଗାଯୋଗ ପରେ ମଧ୍ୟ ନିଯୁକ୍ତି ବିଜ୍ଞାପନ ଏପର୍ଯ୍ୟନ୍ତ ବାହାରି ପାରିନାହିଁ। ଏହି ବିଳମ୍ବ ନିଯୁକ୍ତି ନେଇ ମହାସଂଘ ମେମ୍ବର ଅନେକଥର ଆନ୍ଦୋଳନ କରିବା ପରେ ୨୦୨୪ ଅଗଷ୍ଟ ୩ରେ ନିଯୁକ୍ତି ପରୀକ୍ଷା ମଧ୍ୟ ହୋଇଥିଲା। ଏହାରି ମଧ୍ୟରେ ଦୀର୍ଘ ୭ମାସ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ଫଳାଫଳ ନ ଆସିବାରୁ ନିଯୁକ୍ତି ପ୍ରକ୍ରିୟାର ଏ ମନ୍ଥରଗତିକୁ ନେଇ ମହାସଂଘ ତରଫରୁ ଗତ ୮ ତାରିଖରେ ଏକ ଅନ୍‌ଲାଇନ୍ ବୈଠକ ମହାସଂଘ ସାଂଗଠନିକ ସମ୍ପାଦକ ଦେବରଞ୍ଜନ ଖିଲାରଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ମହାସଂଘ ସଭାପତି ଦୀପ୍ତି ରଞ୍ଜନ ସ୍ୱାଇଁ, ସମ୍ପାଦକ ସବ୍ୟସାଚୀ ପଣ୍ଡା, କୋଷାଧ୍ୟକ୍ଷ ପାର୍ଥସାରଥୀ କର, ସହସମ୍ପାଦକ ଭୁବନାନନ୍ଦ ପତି ପ୍ରମୁଖ ଏହି ସଭାରେ ଉପସ୍ଥିତ ଥିଲେ। ଏହି ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ ଏକ ସପ୍ତାହ ମଧ୍ୟରେ ବିଭାଗ ଯଦି ଚୂଡ଼ାନ୍ତ ଫଳାଫଳ ପ୍ରକାଶ ନ କରେ ତେବେ ମହାସଂଘ ତରଫରୁ ଓଏସ୍‌ଏସ୍‌ଏସ୍‌ସି ଅଫିସ ସାମ୍ନାରେ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯିବ ବୋଲି ସଂଘ ତରଫରୁ ଚେତାବନୀ ଦିଆଯାଇଛି। ଏ ନେଇ ମହାସଂଘ ସମ୍ପାଦକ ସବ୍ୟସାଚୀ ପଣ୍ଡା କହିଛନ୍ତି, ମହାସଂଘ ତରଫରୁ ଆନ୍ଦୋଳନ ବିଷୟରେ ଏକ ଦାବିପତ୍ର ବିଭାଗର ଅଧ୍ୟକ୍ଷଙ୍କ ସମେତ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ସଚିବ ଏବଂ ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି।

# 'ସକାଳ' ଓ 'ନନ୍ଦିଘୋଷ ଟିଭି' କାର୍ଯ୍ୟାଳୟରେ ମଣିପାଲ ପକ୍ଷରୁ ସ୍ୱାସ୍ଥ୍ୟ ପରୀକ୍ଷା



ଭୁବନେଶ୍ୱର, ୧୨।୨(ସମିସ): ଭଗବାନପୁରସ୍ଥିତ 'ସକାଳ' ଓ 'ନନ୍ଦିଘୋଷ ଟିଭି' କାର୍ଯ୍ୟାଳୟରେ ମଣିପାଲ ହସ୍‌ପିଟାଲ ପକ୍ଷରୁ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଛି। ମଣିପାଲର ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନେ ଉଭୟ ସଂସ୍ଥାର ଶତାଧିକ କର୍ମଚାରୀଙ୍କ ମଧୁମେହ, ରକ୍ତଚାପ, ଇସିଜି ପରୀକ୍ଷା କରିଥିଲେ। ଏହା ସହ ଜୀବନଚର୍ଯ୍ୟା ପରିବର୍ତ୍ତନ, ପୁଷ୍ଟିକର ଖାଦ୍ୟ ଗ୍ରହଣ ଓ ବ୍ୟାୟାମ ନିମନ୍ତେ ଡାକ୍ତରମାନେ ପରାମର୍ଶ ଦେଇଥିଲେ। କାର୍ମିକ ଓ ମାନବସମ୍ବଳ ବିଭାଗ ଡ଼ିଜିଏମ୍ ଜୀଷ୍ଣୁ ମହାନ୍ତି, 'ସକାଳ'ର ମାନବ ସମ୍ବଳ ବିଭାଗ ନିର୍ବାହୀ କମଲ ଖୁଣ୍ଟିଆ, 'ନନ୍ଦିଘୋଷ ଟିଭି' ମାନବସମ୍ବଳ ବିଭାଗ ନିର୍ବାହୀ ସୁହାନା ତବସୁମ୍ ଏହି ଶିବିରକୁ ପରିଚାଳନା କରିଥିଲେ।

# କଳିଙ୍ଗ ଷ୍ଟାଡିୟମ୍‌ରେ ଗୁରୁଜୀ ଚନ୍ଦ୍ରଭାନୁ



ଭୁବନେଶ୍ୱର, ୧୨।୨(ସମିସ): ମହାନ୍ ଆଧ୍ୟାତ୍ମିକ ଚିନ୍ତକ ତଥା ଗବେଷକ ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀ ବୁଧବାର ସନ୍ଧ୍ୟାରେ କଳିଙ୍ଗ ଷ୍ଟାଡିୟମ୍ ପରିଦର୍ଶନ କରିଛନ୍ତି। ଷ୍ଟାଡିୟମ ପରିସରରେ ନବନିର୍ମିତ ଅତ୍ୟାଧୁନିକ ସ୍ପୋର୍ଟସ ସାଇନ୍ସ ସେଣ୍ଟର, ଟେନିସ୍ ଅଡିଟୋରିୟମ, ଇନ୍ଡୋର ଆକ୍ୱାଟିକ୍ ସେଣ୍ଟର, ଟେନିସ୍ କୋର୍ଟ ଓ ହକି ଷ୍ଟାଡିୟମ୍ ଆଦି ବୁଲି ଦେଖିଥିଲେ। ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ପ୍ରମୁଖ ଶାସନ ସଚିବ ଭାସ୍କରଜ୍ୟୋତି ଶର୍ମା, କ୍ରୀଡ଼ା ବିଭାଗ ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ, ଯୁଗ୍ମ ସଚିବ ବିଜୟାନନ୍ଦ ନାୟକ, ଅତିରିକ୍ତ ଶାସନ ସଚିବ ବିଜୟ ସ୍ୱାଇଁଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ରହି ଗୁରୁଜୀ ଡ. ଶତପଥୀଙ୍କୁ ସ୍ୱାଗତ କରିଥିଲେ। ଗୁରୁଜୀ ଷ୍ଟାଡିୟମ ଦେଖି ଖୁସି ପ୍ରକାଶ କରିବା ସହ ବିଭାଗୀୟ ଅଧିକାରୀ ତଥା କ୍ରୀଡ଼ା ଛାତ୍ରାବାସର ଅନ୍ତେବାସୀଙ୍କ ସହିତ ଆଲୋଚନା କରିଥିଲେ।

# ଚିରନିଦ୍ରାରେ ବିଶିଷ୍ଟ ଶିକ୍ଷାବିତ୍ ଭିକାରୀ ଚରଣ ଚନ୍ଦ



ଭୁବନେଶ୍ୱର, ୧୨।୨ (ସମିସ): ଯାଜପୁର ଜିଲ୍ଲାର ବିଶିଷ୍ଟ ଶିକ୍ଷାବିତ୍ ଭିକାରୀ ଚରଣ ଚନ୍ଦଙ୍କର ୮୮ ବର୍ଷ ବୟସରେ ଦେହାନ୍ତ ହୋଇଯାଇଛି। ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଇହଲୀଳା ସମ୍ବରଣ କରିଛନ୍ତି। ରସୁଲପୁର ବ୍ଲକ ଚିନ୍ତାପଲ୍ଲୀ ଗ୍ରାମରେ ଏକ ମଧ୍ୟବିତ୍ତ ପରିବାରରେ ଜନ୍ମଗ୍ରହଣ କରିଥିଲେ। ମଧୁବନ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଭାବେ ସହସ୍ରାଧିକ ମେଧାବୀ ବିଦ୍ୟାର୍ଥୀ ସୃଷ୍ଟି କରି ଅଞ୍ଚଳ ପାଇଁ ମାର୍ଗଦର୍ଶକ ସାଜିଥିଲେ। ନିଜସ୍ୱ ପ୍ରାପ୍ୟ ଦରମାରୁ ଈଶାନେଶ୍ୱର ମନ୍ଦିର ତିଆରି ଓ ସାଇ ମନ୍ଦିର ପାଇଁ ଭୂମିଦାନ କରିଥିଲେ। ଅଞ୍ଚଳର ସାମଗ୍ରିକ ବିକାଶ ସର୍ବୋପରି ଶିକ୍ଷା, ସ୍ୱାସ୍ଥ୍ୟ ଆଧ୍ୟାତ୍ମିକ ଜାଗରଣ ସମାଜସେବା ଓ ସଂସ୍କୃତିର ବିକାଶର ମୁଖ୍ୟ ପୁରୋଧା ଥିଲେ। ଶବାଧାରରେ ପୁତ୍ର ଅଜୟ କୁମାର ଚନ୍ଦ, ଦୁଇ କନ୍ୟା, ପୁତ୍ର ବଧୂ, ଜାମାତା ଓ ପରିବାର ବର୍ଗ ଉପସ୍ଥିତ ଥିଲେ। ଏଥିସହିତ ଅଞ୍ଚଳର ସହସ୍ରାଧିକ ଛାତ୍ରଛାତ୍ରୀ ଓ ବ୍ୟକ୍ତିବିଶେଷ ଯୋଗଦେଇ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ।

# ସିଟି ମହିଳା ବିଦ୍ୟାଳୟର ବାର୍ଷିକ ଉତ୍ସବ

ଭୁବନେଶ୍ୱର, ୧୨।୨(ସମିସ): ସିଟି ମହିଳା ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ହାସ୍ୟ ଅଭିନେତା ହରିହର ମହାପାତ୍ର ଯୋଗଦେଇଥିଲେ। ଲକ୍ଷ୍ୟ ହାସଲ ପାଇଁ କଠିନ ପରିଶ୍ରମ କରିବାକୁ ପଡ଼ିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଉତ୍ସବରେ ବିଦ୍ୟାଳୟର ଛାତ୍ରୀମାନଙ୍କର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀମାନଙ୍କୁ ସମ୍ମାନିତ କରାଯାଇଥିଲା। ଅଧ୍ୟକ୍ଷା ରଶ୍ମିତା କୁମାରୀ ସାହୁଙ୍କ ସମେତ ବିଦ୍ୟାଳୟର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।



# ପବିତ୍ର ପାଣିଗ୍ରାହୀଙ୍କୁ 'ଜଗଦୀଶ କଥା ସମ୍ମାନ'

ଭୁବନେଶ୍ୱର, ୧୨।୨(ସମିସ): ଓଡ଼ିଆ କଥା ସାହିତ୍ୟର ଟ୍ରେଣ୍ଡସେଟ୍‌ର ଜଗଦୀଶ ମହାନ୍ତିଙ୍କ ସ୍ମୃତିରେ ଗଠିତ 'ଜଗଦୀଶ ମହାନ୍ତି ଟ୍ରଷ୍ଟ' ତରଫରୁ ୨୦୨୫ ମସିହା ପାଇଁ ସମ୍ମାନଜନକ 'ଜଗଦୀଶ କଥା ସମ୍ମାନ' ଘୋଷଣା କରାଯାଇଛି। ଏହି ପୁରସ୍କାର ପାଇଁ ଏଥର ପ୍ରବୀଣ କଥାକାର ପବିତ୍ର ପାଣିଗ୍ରାହୀ ମନୋନୀତ ହୋଇଛନ୍ତି। ପୁରସ୍କାର ବାବଦରେ ତାଙ୍କୁ ମାନପତ୍ର, ଫଳକ ସହ ୧୦ ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରାଯିବ। ସେହିପରି ଯୁବ ଗାଳ୍ପିକମାନଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ପ୍ରଦାନ କରାଯାଉଥିବା 'ଜଗଦୀଶ ଯୁବ ସମ୍ମାନ' ପାଇଁ ଚଳିତବର୍ଷ ଯୋଗ୍ୟ ବିବେଚିତ ହୋଇଛନ୍ତି ଗାଳ୍ପିକା ସୁନନ୍ଦା ପ୍ରଧାନ। ପୁରସ୍କାର ବାବଦରେ ତାଙ୍କୁ ୫ ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରାଯିବ। ଆସନ୍ତା ୧୭ ତାରିଖରେ ଭୁବନେଶ୍ୱରସ୍ଥିତ ବୁଦ୍ଧମନ୍ଦିରଠାରେ ଆୟୋଜିତ ହେବାକୁ ଥିବା 'ଜଗଦୀଶ ଜୟନ୍ତୀ' ଉତ୍ସବରେ ବିଶିଷ୍ଟ ସମାଲୋଚକ ଓ ଗାଳ୍ପିକ ପ୍ରଫେସର ଗୁରୁଚରଣ ବେହେରା ଏବଂ ସମୀକ୍ଷକ ଓ ଅନୁବାଦକ ହିମାଂଶୁ ଶେଖର ମହାପାତ୍ର ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଟ୍ରଷ୍ଟର ଅଧ୍ୟକ୍ଷା ଡ. ସରୋଜିନୀ ସାହୁ ଏବଂ ସମ୍ପାଦକ ସରୋଜ ବଳ ସୂଚନା ଦେଇଛନ୍ତି।

# ନିଶା ପାଇଁ ସଂଗ୍ରାହକ ପାଲଟିଛନ୍ତି ରାଜେନ୍ଦ୍ର

**ସଂଗ୍ରହ କଲେଣି ୭୦୦ରୁ ଅଧିକ ପୁରୁଣା ରେଡିଓ**

**ବିଶ୍ୱ ରେଡିଓ ଦିବସ**

ଭୁବନେଶ୍ୱର, ୧୨।୨(ସମିସ): ଅନ୍ୟମାନଙ୍କ ପାଇଁ ରେଡିଓ ଏକ ଯନ୍ତ୍ର କିନ୍ତୁ ତାଙ୍କ ପାଇଁ ରେଡିଓ ହେଉଛି ଭାବ ଓ ବନ୍ଧୁ। ଯୁଗ ସିନା ବଦଳିଛି, ହେଲେ ରେଡିଓର ସେଇ ସ୍ୱର ଆଗରେ ସବୁକିଛି ଫିକା ବୋଲି ତାଙ୍କ ଧାରଣା। ଏହିପରି ଭାବେ ରେଡିଓକୁ ଭଲ ପାଉଥିବା ମଣିଷ ହେଉଛନ୍ତି ସହିଦନଗରର ରାଜେନ୍ଦ୍ର ସାହୁ ଓ ତାଙ୍କ ପତ୍ନୀ ମମତା ସାହୁ। ରାଜେନ୍ଦ୍ରଙ୍କୁ ବୟସ ୪୭। ପିଲାଦିନୁ ରେଡିଓ ତାଙ୍କର ବନ୍ଧୁ ବୋଲି ସେ କୁହନ୍ତି। ପିଲାଟି ବେଳୁ ତାଙ୍କର ରେଡିଓ ପ୍ରତି ଏହି ଦୁର୍ବଳତା ଆଜି ତାଙ୍କୁ ଜଣେ ରେଡିଓ ସଂଗ୍ରାହକ ଭାବେ ପରିଚୟ ଦେଇଛି। ପେସାରେ ସେ ଜଣେ କାଠ ମିସ୍ତ୍ରି; କିନ୍ତୁ ନିଶା ତାଙ୍କର ପୁରୁଣା ରେଡିଓ ସଂଗ୍ରହ କରି ରଖିବା।



କାଠ କାମ ତାଙ୍କୁ ପରିବାର ପୋଷିବାକୁ ସାହାଯ୍ୟ କରୁଛି, ହେଲେ ନିଶାକୁ ସେ ଛାଡ଼ି ପାରିନାହାନ୍ତି ବରଂ ସଂଗ୍ରହ କରିବାରେ ତାଙ୍କ ପତ୍ନୀ ମଧ୍ୟ ତାଙ୍କୁ ସାହାଯ୍ୟ କରନ୍ତି। ଘର ପାଖରେ ଏକ ରେଡିଓ ମରାମତି ଦୋକାନ ଥିଲା। ସେଠାକୁ ସେ ଅନେକ ସମୟ ଯାଇ ମରାମତି କରୁଥିବା ମେକାନିକ୍‌ର କାମକୁ ନିରେଖି ଦେଖନ୍ତି। ଏମିତି ଘଣ୍ଟାଘଣ୍ଟା ବିତିଯାଏ ଏବଂ ସେଠାରୁ ଧୀରେ ଧୀରେ ରେଡିଓ ମରାମତି କାର୍ଯ୍ୟ ଶିଖି ସଜାଡ଼ିବା ଆରମ୍ଭ କଲେ। ଘର ପାଖରେ ରେଡିଓ କିଛିଦିନ ମରାମତି କାର୍ଯ୍ୟ ମଧ୍ୟ କଲେ। ଲୋକଙ୍କ ଚାହିଦା କମିବା କାରଣରୁ ରେଡିଓ ମରାମତି ପାଇଁ ଆସିଲାନି। ସେହି କାରଣରୁ ମରାମତି କାର୍ଯ୍ୟ ବନ୍ଦ କରିଦେଲେ। ୨୬ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେଲା ସେ ବିଭିନ୍ନ ସ୍ଥାନ ଓ ଜିଲ୍ଲାକୁ ଯାଇ ବହୁତ ପୁରୁଣା ରେଡିଓ ସଂଗ୍ରହ କରୁଛନ୍ତି। ଫିଲିପ୍‌ସ, ପାନାଶୋନିକ୍, ମୁର୍ଫି, ଫିଲ୍‌କୋ, ସୋନି, ସାନ୍‌ସୁଇ, ସାର୍ପ ଭଳି ବ୍ରାଣ୍ଡର ରେଡିଓ ସେ ସଂଗ୍ରହ କରି ରଖିଛନ୍ତି। ବର୍ତ୍ତମାନ ତାଙ୍କ ପାଖରେ ୭୦୦ରୁ ଉର୍ଦ୍ଧ୍ୱ ପୁରୁଣା ରେଡିଓ ଅଛି। ବର୍ତ୍ତମାନ ସମୟରେ ରେଡିଓର ବ୍ୟବହାର ପୂରାପୂରି କମିଯାଇଥିଲେ ମଧ୍ୟ ଏଫ୍‌ଏମ୍ ସହାୟତାରେ ଆଜି ବି ଲୋକଙ୍କ ମଧ୍ୟରେ ତାହା ଜୀବିତ ରହିଛି ବୋଲି ତାଙ୍କ ବିଶ୍ୱାସ। ସେ ସଂଗ୍ରହ କରି ରଖିଥିବା ରେଡିଓକୁ ଏକ ସଂଗ୍ରହାଳୟ କରି ପ୍ରଦର୍ଶିତ କରିବାର ଲକ୍ଷ୍ୟ ରଖିଛନ୍ତି ବୋଲି ସେ କୁହନ୍ତି।



